






# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ । ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ । ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ । କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ । କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ଦେବଲକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ । ସେଥି ପାଇଁ ୧୯୨୯ ମସିହାରେ "ସାକ୍ଷୀଗୋପାଳନାଟକ ସଂଘ" ଓ ୧୯୩୯ରେ "ଓଡିଶା ଥିଏଟର୍ସ" ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ । ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ । ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର 'ଭରତ ମୁନି' ବୋଲି ମଧ୍ୟ କୁହାଯାଏ । ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ । ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି । କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ । କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ । ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନଓ୍ୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ । ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା । ଗୋବିନ୍ଦଚନ୍ଦ୍ର ଶୂଦଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା । ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶେଶଧ । ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

## ପଂଚବଟୀ ରେ ରାମଚନ୍ଦ୍ର

ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ । ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ । ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ । ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ । ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା ।



## ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ

ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ । କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ । ତା' ପୁଣି ପତ୍ନୀ ଛାଡି ପଳାଇବାର ୧ବର୍ଷ ଭିତରେ । ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି । ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ



ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ । ୧ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି ।

## ସଉକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି

ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି । ହେଲେ ଟେକସାସ୍ରେ ରହୁଥିବା ଜଣେ ଦମ୍ପତି ନିଜର ଭ୍ରମଣ ସଉକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି । ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି । ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍ । ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍



କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି । ପେଶାରେ ଓ୍ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି । ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି । ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ । ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ । ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ ।

## ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର

ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ । ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି । ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା । ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା



ଏକ ହ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ । ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ । ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ । ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା । ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି ।

## ଚା'ପତି ବଦଳରେ କୀଟନାଶକ, ୨ମୃତ



ଭଭୁଆ ବିହାରର କେମୁ ଜିଲା କୁଡନି ଥାନାରେ ବିଷାକ୍ତ ଚା' ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି । ଚା' ତିଆରି ସମୟରେ ଭୁଲ ବଶତଃ ଚା' ପତି ବଦଳରେ ପକାଯାଇଥିଲା କୀଟନାଶକ । ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ । ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା' ତିଆରି ହୋଇଥିଲା । ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା' ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ । ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା ।

## ଆଜିର ଭାଗ୍ୟ

- **ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।
- **ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।
- **ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।
- **କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।
- **ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।
- **କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।
- **ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।
- **ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।
- **ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।
- **ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।
- **କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।
- **ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ୱାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




ଭୁବନେଶ୍ୱର, ୨୦୨୪, ଜୁଲାଇ ୨୫

# ଭଗବାନ ଶିବଙ୍କ ମାସ : ଶ୍ରାବଣ


ଡକ୍ଟର ତପନ କୁମାର ପାଳ

ଶିବ ଭକ୍ତି ନିମନ୍ତେ ଶ୍ରାବଣ ମାସ ସର୍ବୋତ୍ତମ ଅବସର ଆଣିଥାଏ । ଏହି ମାସରେ ଭକ୍ତି ଭାବର ସହିତ ମହାଦେବଙ୍କ ଆରାଧନା କରିବା ଦ୍ୱାରା ତାଙ୍କର କୃପା ପ୍ରାପ୍ତି ହୋଇଥାଏ । ମାତ୍ର ବେଲପତ୍ର ଏବଂ ଜଳାଭିଷେକ ଦ୍ୱାରା ଏହି ମାସରେ ମହାଦେବଙ୍କ ଅନୁକମ୍ପା ପ୍ରାପ୍ତ କରିହେବ । ସାରା ଜଗତ ଭଗବାନ ଶିବଙ୍କ ଠାରୁ ହିଁ ସୃଷ୍ଟି ହୋଇଛି । ଶିବର ଅର୍ଥ ପରମକଲ୍ୟାଣକାରୀ । ଲୟ ଏବଂ ପ୍ରଳୟକୁ ମହାଦେବ ନିଜ ଅଧୀନରେ ରଖିଛନ୍ତି । ତାଙ୍କ ଠାରେ ପରସ୍ପର ବିରୋଧୀ ସାମଞ୍ଜସ୍ୟ ଦେଖିବାକୁ ମିଳିଥାଏ । ତାଙ୍କ ମସ୍ତକରେ ଚନ୍ଦ୍ରମା ଶୋଭା ପାଇଥାଏ, ଗଳାରେ ଲମ୍ୱିଥାଏ ବିଷଧର ସର୍ପ । ସେ ଅର୍ଦ୍ଧନାରୀଶ୍ୱର ହୋଇଥିଲେ ବି କାମନା ଉପରେ ବିଜୟ ହାସଲ କରିଛନ୍ତି । ଗୃହସ୍ଥ ଭଳି ଜୀବନ ନିର୍ବାହ କରୁଥିଲେ ବି ଶ୍ମଶାନବାସୀ ଏବଂ ବୈରାଗୀ । ତାଙ୍କର ସୌମ୍ୟ ଆଶୁତୋଷ ସ୍ୱରୂପ ଭକ୍ତଙ୍କ ମନରେ ଭକ୍ତିଭାବ ଜାଗ୍ରତ କରୁଥିବା ବେଳେ ଭୟଙ୍କର ରୁଦ୍ର ସ୍ୱରୂପ ଦୁଷ୍ଟଙ୍କ ମନରେ ଭୀତି ସଞ୍ଚାର କରିଥାଏ । ଦେବଶୟନୀ ଏକାଦଶୀରେ ଭଗବାନ ବିଷ୍ଣୁ ଯୋଗନିଦ୍ରାରେ ଯିବା ପରେ ମହାଦେବ ହିଁ ଜଗତ ପାଳକ ଦାୟିତ୍ୱ ନିର୍ବାହ କରିଥାନ୍ତି । ଏହି କାରଣରୁ ଶ୍ରାବଣ ମାସରେ ମହାଦେବଙ୍କୁ ଆରାଧନା କରାଯାଇଥାଏ । ଚତୁର୍ଦ୍ଦିଗରେ ତାଙ୍କର ନାମ ଗୁଞ୍ଜରିତ ହୋଇଥାଏ । ଶ୍ରାବଣ ନକ୍ଷତ୍ରଯୁକ୍ତ ପୂର୍ଣ୍ଣିମା ପଡୁଥିବାରୁ ଏହି ମାସର ନାମକରଣ ଶ୍ରାବଣ ହୋଇଛି । ଏହି ମାସର ସମ୍ପୂର୍ଣ୍ଣ କଥା କେବଳ ବ୍ରହ୍ମଦେବ ହିଁ ଜାଣିଥାନ୍ତି । ଏହି ମାସର ପ୍ରତ୍ୟେକ ଦିନ ଜପ, ତପ, ବ୍ରତ ଏବଂ ପୁଣ୍ୟ କାର୍ଯ୍ୟରେ ଅତିବାହିତ କରିବା ଉଚିତ । ଶ୍ରାବଣ ଭଗବାନ ଶିବଙ୍କ ପାଇଁ ଅତିପ୍ରିୟ ମାସ । ବର୍ଷାଋତୁର ଚାରି ମାସ ମଧ୍ୟ ଶିବଙ୍କ ଆରାଧନା କରାଯାଇପାରିବ । ସ୍ୱୟଂ ଭଗବାନ ଶିବ ନିଜ ମୁଖରେ ବ୍ରହ୍ମାଙ୍କ ମାନସ ପୁତ୍ର ସନତ କୁମାର ମାନଙ୍କୁ କହିଛନ୍ତି ଯେ ୧୨ ମାସ ମଧ୍ୟରେ ଶ୍ରାବଣ ମାସ ମୋର ଅତ୍ୟନ୍ତ ପ୍ରିୟ । ସନତ କୁମାରମାନେ ଏହାର କାରଣ ପଚାରିବାରୁ ଭଗବାନ ଶିବ କହୁଛନ୍ତି, ଦେବୀ ସତୀ ନିଜ ପିତା ଦକ୍ଷଙ୍କ ଘରେ ଯୋଗଶକ୍ତି ରୂପରେ ଶରୀର ତ୍ୟାଗ କରିବା ସମୟରେ ପ୍ରତ୍ୟେକ ଜନ୍ମରେ ମୋତେ ପତି ରୂପରେ ପାଇବା ଲାଗି ପ୍ରତିଜ୍ଞା କରିଥିଲେ । ପରେ ସେ ହିମାଳୟଙ୍କ କନ୍ୟା ପାର୍ବତୀ ରୂପରେ ଜନ୍ମ ନେଲେ । ପାର୍ବତୀ ଦେବୀ ଯୁବାବସ୍ଥାରେ ପହଞ୍ଚିବା ପରେ ଗୋଟିଏ ମାସ ଉପବାସ ରହି କଠୋର ବ୍ରତ କରିଥିଲେ । ତାଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ମୁଁ ଦେବୀଙ୍କୁ ବିବାହ କରିଥିଲି । ସେହି ମାସ ଥିଲା ଶ୍ରାବଣ, ତେଣୁ ଶ୍ରାବଣ ମାସ ମୋର ଅତ୍ୟନ୍ତ ପ୍ରିୟ । କେବଳ ସେତିକି ନୁହେଁ ମର୍କଣ୍ଡୁ ଋଷିଙ୍କ ପୁତ୍ର ମାର୍କଣ୍ଡେୟ ମଧ୍ୟ ଦୀର୍ଘାୟୁ ହେବା ଲାଗି ଶ୍ରାବଣ ମାସରେ କଠୋର ତପସ୍ୟା କରି ମହାଦେବଙ୍କୁ ପ୍ରସନ୍ନ କରିଥିଲେ । ମହାଦେବ ତାଙ୍କୁ ଯମଙ୍କ କବଳରୁ ସୁରକ୍ଷା ଦେଇଥିଲେ । ଅନ୍ୟ ଏକ ପୌରାଣିକ କଥା ଅନୁଯାୟୀ, ଶ୍ରାବଣ ମାସରେ ସମୁଦ୍ର ମନ୍ଥନ କରାଯାଇଥିଲା । ମନ୍ଥନରୁ ହଳାହଳ ବିଷ ବାହାରିଲା । ଏହି ବିଷକୁ ଭଗବାନ ଶିବ ପାନ କରିଥିଲେ । ଫଳରେ ସମଗ୍ର ସୃଷ୍ଟି ରକ୍ଷା ପାଇଗଲା । ବିଷ ପ୍ରଭାବରୁ ଭଗବାନ ଶିବଙ୍କ କଣ୍ଠ ନୀଳ ହୋଇଗଲା । ଏହି କାରଣରୁ ମହାଦେବ ନୀଳକଣ୍ଠ ବୋଲାଇଲେ । ବିଷ ପ୍ରଭାବ କମ କରିବା ଲାଗି ସମସ୍ତ ଦେବତା ମିଶି ଭଗବାନ ଶିବଙ୍କର ଜଳାଭିଷେକ କରିଥିଲେ । ଏହି କାରଣରୁ ଶ୍ରାବଣ ମାସରେ ଭଗବାନ ଶିବଙ୍କୁ ଜଳାଭିଷେକ କରାଯାଇଥାଏ । ଏହି ମାସରେ ଗାୟତ୍ରୀ ମନ୍ତ୍ର, ମହାମୃତ୍ୟୁଞ୍ଜୟ ମନ୍ତ୍ର, ଶତରୁଦ୍ରପାଠ ଓ ପୁରୁଷସୂକ୍ତ ପାଠ ଏବଂ ପଞ୍ଚାକ୍ଷର ଏବଂ ଷଡାକ୍ଷର ଆଦି ଶିବ ମନ୍ତ୍ର ଏବଂ ନାମ ବିଶେଷ ଫଳ ଦେଇଥାଏ । ଏହି ସମ୍ପୂର୍ଣ୍ଣ ମାସରେ ଯିଏ ବି ନିଷ୍ଠାମ ଭାବରେ ଭଗବାନ ଶିବଙ୍କ ଭକ୍ତି କରିଥାଏ, ସେ ଶିବକୃପା ପ୍ରାପ୍ତ କରିଥାଏ । ଜୀବନରୁ ସମସ୍ତ କଷ୍ଟ ଦୂର ହୋଇଥାଏ ।

*ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ,*
*ଦୂରଭାଷ : ୯୯୩୭୬୫୮୩୬୨*

# ହର ହର ମହାଦେବଙ୍କ ମହାତତ୍ତ୍ୱ : ବୋଲବମ୍ ଯାତ୍ରା

ଶ୍ରାବଣ ମାସକୁ ମାସୋତ୍ତମ କୁହାଯାଏ । ଏ ମାସର ପ୍ରତ୍ୟେକ ଦିନ ଏକ ନୂଆ ଆଲୋକ ଦେଖାଏ । ଏଥିସହ ଜଡ଼ିତ ସମସ୍ତ ଦିନର ଭିନ୍ନ ଭିନ୍ନ ଧାର୍ମିକ ରଙ୍ଗ ଏବଂ ବିଶ୍ୱାସ ଥାଏ । ଶ୍ରାବଣ ନକ୍ଷତ୍ର ତଥା ସୋମବାର ସହ ଭଗବାନ ଶିବଶଙ୍କରର ଗଭୀର ସଂପର୍କ ରହିଛି । ଏହି ମାସରେ ଆଶା ପୂର୍ଣ୍ଣ ହୁଏ । ଗ୍ରୀଷ୍ମ ପରେ ଶ୍ରାବଣ ମାସରେ ପୃଥିବୀ ତୃପ୍ତ ହୁଏ ଏବଂ ସବୁ ପ୍ରାଣୀଙ୍କର ଇଚ୍ଛାପୂର୍ଣ୍ଣ କରେ । ଏହି ଦୃଷ୍ଟିରୁ ଶ୍ରାବଣ ମାସ ଇଚ୍ଛା ପୂର୍ତ୍ତିର ମାସ । ଏହି ମାସରେ ବ୍ରତ ରଖିଲେ ମୃତ୍ୟୁପରେ ଶିବଲୋକ ପ୍ରାପ୍ତ ହୁଏ । ଏହି ମାସରେ ଶିବ ଭକ୍ତମାନେ ଜ୍ୟୋର୍ତିଲିଙ୍ଗ ଦର୍ଶନ ଏବଂ ଜଳାଭିଷେକ ଦ୍ୱାରା ଅଶ୍ୱମେଧ ଯଜ୍ଞ ସମାନ ଫଳ ଲାଭ କରନ୍ତି । ଏହି ମାସରେ ମହାମୃତ୍ୟୁଞ୍ଜୟ ମନ୍ତ୍ର ଏବଂ ଶିବ ପଞ୍ଚାକ୍ଷର ମନ୍ତ୍ର ଜପ କଲେ ଶୁଭ ଫଳ ବୃଦ୍ଧି ହୁଏ । ସହସ୍ର ସହସ୍ର ଭକ୍ତ ହର ହର ମହାଦେବ ଓ ବ୍ୟୋମ ବ୍ୟୋମ ବ୍ୟୋମ ବିଶ୍ୱନାଥ ଉଚ୍ଚାରଣ କରି ଭକ୍ତି ଓ ଏକାଗ୍ରତା ସହକାରେ ଜଳାଭିଷେକ କରନ୍ତି ।

ଭଗବାନ ଶିବଙ୍କ ମୂର୍ତ୍ତି ଓ ଶିବଲିଙ୍ଗ ଉପରେ ଜଳ ଚଢ଼ାଇ ତାଙ୍କର ମନସ୍କାମନା ଜଣାଇ ମାନସିକ ଶାନ୍ତି ଓ ଏକାଗ୍ରତା ଲାଭ କରନ୍ତି । ଏହି ପ୍ରସଙ୍ଗରେ ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଦେଓଘର ଠାକୁର ବଙ୍ଗଳା ସମ୍ମୁଖରେ ଖୋଲା ପ୍ରାଙ୍ଗଣରେ ଏକ କୃଷ୍ଣପକ୍ଷ ରାତ୍ରିରେ ଆକାଶକୁ ଅନାଇ ବିଭିନ୍ନ ଗ୍ରହ ନକ୍ଷତ୍ର ଓ ସେମାନଙ୍କର କ୍ରିୟା ଅବସ୍ଥିତି ସମ୍ବନ୍ଧରେ ସମବେତ ଭକ୍ତ ମାନଙ୍କୁ ବୁଝାଇ ଆକାଶର ଏକ ପ୍ରାନ୍ତରୁ ଅପର ପ୍ରାନ୍ତ ପର୍ଯ୍ୟନ୍ତ ବିସ୍ତୃତ ଶ୍ୱେତବର୍ଣ୍ଣ ଛାୟାପଥ ଦେଖାଇ କହିଥିଲେ – ଏହା ହେଉଛି ନୀହାରିକା ଜଗତ । ଏଠାରେ କୋଟି କୋଟି ଗ୍ରହ ନକ୍ଷତ୍ର ସର୍ବଦା ସୃଷ୍ଟି ହେଉଛନ୍ତି । ତୀବ୍ର ଗତିରେ ଭ୍ରମଣ କରୁଛନ୍ତି, ଆଉ ପରସ୍ପରକୁ ଧକ୍କା ଲଗାଇ ପୁଣି ଭାଙ୍ଗି ଯାଉଛନ୍ତି । ଏହାଫଳରେ ସେଠାରେ ସର୍ବଦା ଓଁ ଓଁ – ବ୍ୟୋମ ବ୍ୟୋମ ଶବ୍ଦ ଉଚ୍ଚାରଣ ହେଉଛି । ବିଶ୍ୱନାଥ ଶିବଙ୍କ ସଙ୍ଗେ ଏହି ଓଁ ବା ବ୍ୟୋମ ଧ୍ୱନିର ସମ୍ବନ୍ଧ ଅତି ନିକଟ । ଭଗବାନ ଶିବଙ୍କ ସମ୍ବନ୍ଧରେ ବୁଝାଇବାକୁ ଯାଇ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି – 'ଶିବ' ଶବ୍ଦର ଅର୍ଥ ମଙ୍ଗଳ । 'ଯିଏ ପରମ ମଙ୍ଗଳମୟ ଓ ନିଖିଳକ୍ଷେମ ବିଧାତା ସେ ହିଁ ଶିବ । ଶିବ ଶବ୍ଦର ଉତ୍ପତ୍ତି ଶୀ – ଧାତୁ ଠାରୁ । ଏହାର ଅର୍ଥ ହେଉଛି ସବୁକିଛି ଯାହାଙ୍କ ମଧ୍ୟରେ ଶାୟିତ ବା ଅଧିଷ୍ଠିତ ବା ଯିଏ ସମସ୍ତଙ୍କର ଆଶ୍ରୟସ୍ଥଳ ସେହି ହେଉଛନ୍ତି ଶିବ । ଶିବଙ୍କର ଆଉ ଏକ ନାମ ଶମ୍ଭୁ । ଶମ୍ ମାନେ କଲ୍ୟାଣ ଓ ଭୂ ଧାତୁମାନେ ହେବା । ଯିଏ କଲ୍ୟାଣମୟ ସେ ହିଁ ଶମ୍ଭୁ । ଏହି କଲ୍ୟାଣ ପଥରେ ଯେତେ ବାଧାବିଘ୍ନ ଓ ଘାତ ପ୍ରତିଘାତ ଆସେ ତାହାକୁ ଶିବ ବ୍ୟକ୍ତିତ୍ୱ ଜୟ କରନ୍ତି । ସଂସାରର ସମସ୍ତ ହଳାହଳ ଓ ନେତିବାଚକ ବିଷକୁ ଗ୍ରହଣ କରି ସେ ନୀଳକଣ୍ଠ ହୁଅନ୍ତି । ସେ ଭୂତନାଥ, ଭୂତେଶ ଓ ଭୂତଭାବନ । ଭୂତମାନେ ପ୍ରେତ ବା ଅଶରୀରୀ ଆତ୍ମା ନୁହେଁ । ଭୂତମାନେ ଯାହାକିଛି ହୋଇଅଛି, ସ୍ଥାବର ଜଙ୍ଗମ, ସମସ୍ତ କିଛିର ସେ ନାଥ । ମହାଦେବଙ୍କର ଦୁଇ ଅନୁଚର ବା ଶକ୍ତି – ନନ୍ଦୀ ଓ ଭୃଙ୍ଗୀ ରହିଛନ୍ତି । ନନ୍ଦୀ ଶବ୍ଦର ଉତ୍ପତ୍ତି ନନ୍ଦ ଧାତୁ ଠାରୁ, ମାନେ ଆନନ୍ଦ ଏବଂ ଭୃଙ୍ଗୀ ଆସିଛି ଭୃ ଧାତୁ ଠାରୁ, ମାନେ ଭରଣ, ପୋଷଣ ଓ ଧାରଣ । ମହାଦେବଙ୍କର ତପସ୍ୟା କଲେ ଅପୁରନ୍ତ ଆନନ୍ଦ, ସତ୍ୟ, ଧୈର୍ଯ୍ୟ, ଅଧ୍ୟବସାୟ ଓ ବୈଶିଷ୍ଟ୍ୟାନୁପାତିକ ପରିପୋଷଣ ପ୍ରାପ୍ତ ହୁଏ । ସର୍ବଯୋଗ ବା ସର୍ବସିଦ୍ଧିର ଅଧିପତି ମହାଦେବ, ତାଙ୍କର ଅନ୍ୟ ଏକ ନାମ ଯୋଗୀଶ୍ୱର ବା ଯୋଗେଶ୍ୱର । ସକଳ ବୋଧ, ଦର୍ଶନ ଓ ଜ୍ଞାନ ତାଙ୍କର ଅଧିଗତ । ତାଙ୍କର ଅନ୍ୟ ଏକ ନାମ ପଶୁପତି ଅର୍ଥ ସେ ଜ୍ଞାନ ଓ ଦର୍ଶନର ଅଧିପତି । ସୁସ୍ଥ ଦେହ ଓ ମନ ନେଇ ବଞ୍ଚିବା ଓ ବଢ଼ିବାର କୌଶଳ ଶିବଙ୍କର ଅଧିଗତ ଏବଂ ତାଙ୍କର ଅନ୍ୟ ଏକ ନାମ ବୈଦ୍ୟନାଥ । ମହାଦେବଙ୍କର ବୃଷଭ ବାହନ ଅର୍ଥ ହେଲା ବୃଷଭ ହେଉଛି ଧର୍ମର ପ୍ରତୀକ । ସେ ଚତୁଷ୍ପଦ । ଧର୍ମ ଯେତେବେଳେ ଚତୁଷ୍ପଦ ବା ଚାରିପାଦ, ସେତେବେଳେ ତାହା ପୂର୍ଣ୍ଣ ମହିମାରେ ବିକଶିତ । ମହାଦେବଙ୍କର କଣ୍ଠରେ ସାପର ମାଳା, ତେଣୁ ତାଙ୍କର ଅନ୍ୟ ଏକ ନାମ ଫଣିଭୂଷଣ । ଏହି ସାପର ଅଭିବୃଦ୍ଧି ପରମ ଦୟାଳ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି – ସାପ ହେଉଛି ହିଂସ୍ର ବୃତ୍ତିର ପ୍ରତୀକ । ସମାଜରେ ହିଂସ୍ର ବା ଖଳ ବ୍ୟକ୍ତିମାନଙ୍କୁ ମହାଦେବ ସ୍ନେହପ୍ରେମରେ ବଶୀଭୂତ କରି ପାଖରେ ରଖିଛନ୍ତି ଯେଉଁଥି ସେମାନେ ସମାଜର ଅନ୍ୟ ମାନଙ୍କର କ୍ଷତି କରିନପାରିବେ । ମହାଦେବଙ୍କର ପରିଧାନ ବ୍ୟାଘ୍ରଚର୍ମ । ବାଘ ହେଲା ସାହସ, ବୀର୍ଯ୍ୟବାନ ଓ କୌଶଳର । ବ୍ୟାଘ୍ରଚର୍ମ ଏହି ଗୁଣ ଗୁଡ଼ିକର ଦ୍ୟୋତକ । ମହାଦେବଙ୍କ ମସ୍ତକରେ ଚନ୍ଦ୍ର ରହିଛନ୍ତି । ତେଣୁ ତାଙ୍କ ନାମ ଚନ୍ଦ୍ରେଶ୍ୱର । ଚନ୍ଦ୍ରର ତେଜରେ ସମୁଦ୍ରରେ ଜୁଆର ଭଟ୍ଟା ହୁଏ, ମାଟି ଉର୍ବର ହୋଇ ଶସ୍ୟାଦି ଉତ୍ପନ୍ନ ହୁଏ ଓ ପୃଥିବୀରେ ଔଷଧ ସମୂହର ପରିଷ୍ଫୁଟ ହୁଏ । ତେଣୁ ଏକ ପ୍ରୟୋଜନୀୟ ବିଗ୍ରହଙ୍କୁ ମହାଦେବ ତାଙ୍କର ଶିରୋଭୂଷଣ କରି ରଖିଛନ୍ତି । ତ୍ରିଶୂଳ ମହାଦେବଙ୍କ ଅସ୍ତ୍ର । ଦୁଷ୍ଟ ଦାନବ ନିଧନ ନିମିତ୍ତ ଏହି ତ୍ରିଶୂଳ ଉଦ୍ଦିଷ୍ଟ । ଏହା ସାଙ୍ଗରେ ଅଛି ଡମ୍ବରୁ । ଯେଉଁପାଇଁ ତାଙ୍କୁ କୁହାଯାଏ ଡମ୍ବରୁଧର । ଡମ୍ବରୁ ହେଉଛି ଶବ୍ଦର ପ୍ରତୀକ, ଆଦିଶବ୍ଦ ଓ ଆଦିବୃନ୍ଦ । ଶିବଙ୍କର ପାଞ୍ଚଟି ମୁଖ, ଏହି ପାଞ୍ଚଟି ମୁଖରେ ସେ ପରମପିତାଙ୍କର ଗୁଣଗାନ କରନ୍ତି । ସେ ତ୍ରିନୟନଧାରୀ, ଦୁଇଟି ସାଧାରଣ ଚକ୍ଷୁ ଓ ଆଉ ଗୋଟିଏ ପ୍ରଜ୍ଞାନେତ୍ର । ଏହି ପ୍ରଜ୍ଞାନେତ୍ରରୁ କ୍ରୋଧବହ୍ନି ନିର୍ଗତ ହୋଇ କାମଦେବଙ୍କୁ ମହାଦେବ ଭସ୍ମୀଭୂତ କରିଥିଲେ । ଏହାର ଅର୍ଥ ହେଉଛି କାମ, କ୍ରୋଧ, ଲୋଭ, ମଦ, ମୋହ, ମାତ୍ସର୍ଯ୍ୟ ଇତ୍ୟାଦି ଷଡ଼ରିପୁ ଶିବଙ୍କ ପାଖରେ ଭସ୍ମୀଭୂତ । ସମଗ୍ର ବିଶ୍ୱର ଯେ ପ୍ରଭୁ ସେ ହିଁ ବିଶ୍ୱନାଥ । ତନ୍ତ୍ରଶାସ୍ତ୍ରରେ ଅଛି ଏହିପରି ଗୁଣାନ୍ୱିତ ପରମଶିବ ମଣି ମନ୍ଦିରେ ପୂର୍ବଦ୍ୱାରେ ଦେଖା ଦିଅନ୍ତି ଇଷ୍ଟଗୁରୁ ରୂପେ । ଶିବତ୍ୱ ଘନୀଭୂତ ହୋଇ ପ୍ରକାଶ ପାଏ ଯେଉଁ ଶିବ ବ୍ୟକ୍ତିତ୍ୱ ମଧ୍ୟରେ ଏବଂ ସେ ହିଁ ଲୋକଗୁରୁ, ଲୋକ ଉଦ୍ଧାତା, କାଳଜୟୀ, ପରମପ୍ରେମମୟ, ବୈଶିଷ୍ଟ୍ୟପାଳୀ, ଭଗବାନ ପୁରୁଷୋତ୍ତମ । ତନ୍ତ୍ରଶାସ୍ତ୍ରରେ ଅଛି 'ଶିବ ରୁଷ୍ଟ ହେଲେ ଗୁରୁ ରକ୍ଷା କରିପାରେ, ଗୁରୁ ରୁଷ୍ଟ ହେଲେ ଶିବ ରାଖିବାରେ ନାରେ' । ଶିବଙ୍କର ଅନ୍ୟଏକ ନାମ ମୃତ୍ୟୁଞ୍ଜୟ । ଏହି ଶିବ ବ୍ୟକ୍ତିତ୍ୱଙ୍କୁ ପୂଜା ଓ ଭକ୍ତି ମାଧ୍ୟମରେ ଚାରିତ୍ରିକ ଦ୍ୟୁତିରେ ମନୁଷ୍ୟ ମୃତ୍ୟୁଙ୍କୁ ଜୟ କରିପାରେ । ଶିବ ଅତି ଶୀଘ୍ର ପରିତୁଷ୍ଟ ହୁଅନ୍ତି ବୋଲି ତାଙ୍କର ଅନ୍ୟ ଏକ ନାମ ଆଶୁତୋଷ । ଇଷ୍ଟଗୁରୁଙ୍କୁ ତୁଷ୍ଟ କଲେ ଶିବ ତୁଷ୍ଟ ହୁଅନ୍ତି । ଶିବଙ୍କର ଉପାସକମାନେ ଶୈବ ନାମେ ପରିଚିତ । ଶିବଲିଙ୍ଗରେ ପାଣି ଢ଼ାଳିବାର ଅର୍ଥ ହେଉଛି ମନୁଷ୍ୟର ଯୌନ ଜୀବନକୁ ଧୀର, ସ୍ଥିର, ସୁସ୍ଥ, ଶାନ୍ତ ଓ ସୁନିୟନ୍ତ୍ରିତ ରଖିବା । ଏହି ଯୌନ ଜୀବନ ଶାନ୍ତ ହେଲେ ମଣିଷର ଜୀବନ ଶାନ୍ତ, ନିରାମୟ ଓ ସମାଜର କଲ୍ୟାଣ ସାଧନ ହୁଏ । ନାରୀ ହେଉ ବା ପୁରୁଷ ହେଉ ଯେଉଁମାନେ ଇଷ୍ଟଗୁରୁଙ୍କ ସାଧନା କରି ଶିବଙ୍କର ଗୁଣ ଓ ଦ୍ୟୁତିକୁ ନିଜ ଚରିତ୍ରରେ ଚରିତ୍ରାୟିତ କରିପାରନ୍ତି ସେମାନେ ହିଁ ଶିବଙ୍କୁ ତୁଷ୍ଟ କରନ୍ତି ଓ ଇଷ୍ଟଗୁରୁଙ୍କର ଆଶୀର୍ବାଦ ଲାଭ କରନ୍ତି ।


ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

*ସହ-ପ୍ରତିରଦ୍ଧିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,*
*ଦୂରଭାଷ : ୯୪୩୭୦୫୧୯୫୭*

# ମନସା ପଞ୍ଚମୀ


ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଶ୍ରାବଣ କୃଷ୍ଣ ପଞ୍ଚମୀ, ନାଗ ପଞ୍ଚମୀ ବା ମନସା ପଞ୍ଚମୀ ନାମରେ ଜଣା । ଏହିଦିନ ହିନ୍ଦୁ କୁମାରୀ ଏବଂ ମହିଳାମାନେ ଭଲ ଦୃଷ୍ଟି ଶକ୍ତି ପାଇବା ଉଦ୍ଦେଶ୍ୟରେ ନାଗନାଗୁଣି ଦେବତାଙ୍କୁ ପୂଜାର୍ଚ୍ଚନା କରନ୍ତି । ମାଟିର ହୁଙ୍କା ଆଣି କୋଠିରେ ସ୍ଥାପନ କରି ପୂଜାବିଧି ପାଳନ କରନ୍ତି । ଧର୍ମ ବିଶ୍ୱାସୀ ଓଡ଼ିଆମାନେ କରୁଥିବା ପୂଜା, ଓଷା ବ୍ରତ ମଧ୍ୟରେ ଏହି ପୂଜା ଖୁବ୍ ବିଶେଷତ୍ୱ ରଖେ । ଏହି ଅବସରରେ ଉତ୍ସବାନୁଷ୍ଠାନରେ ଅନେକ ନୃତ୍ୟଗୀତରେ ମଜି ଯାଆନ୍ତି । ମନସା ମଙ୍ଗଳପୂଜା ଅନେକ ଅଞ୍ଚଳରେ ଏକ ପ୍ରଧାନ ପର୍ବ । ମା'ମନସା ଦେବୀଙ୍କୁ ପୂଜା କଲେ ସର୍ପାଘାତରୁ ମୁକ୍ତି ମିଳେ । ତେଣୁ ପ୍ରତିବର୍ଷ ମନସା ଦେବୀଙ୍କୁ ପୂଜା ଅବସରରେ ସ୍ଥାନୀୟ ଲୋକଙ୍କ ଦ୍ୱାରା ମନସାଯାତ୍ରାର ଆୟୋଜନ କରାଯାଇଥାଏ । ମନସା ପୂଜାର ଉତ୍ପତ୍ତି ଓ ପ୍ରସାର ସମ୍ପର୍କରେ ବିଭିନ୍ନ ପ୍ରକାର ପୌରାଣିକ କାହାଣୀ ଓ ବିଶ୍ୱାସ ପ୍ରଚଳିତ ଅଛି । ଓଡ଼ିଶାରେ ପ୍ରଚଳିତ ଏକ କାହାଣୀ ଅନୁଯାୟୀ ଜନୈକ ସାଧବାଣୀ ନାଗମାତାଙ୍କ ବିରାଗଭାଜନ ହେବାରୁ ସର୍ପାଘାତରେ ତାଙ୍କର ଛଅ ପୁତ୍ର ମୃତ୍ୟୁବରଣ କଲେ । ମାତ୍ର ସପ୍ତମ ପୁତ୍ର ଶ୍ରଦ୍ଧା ଓ ନିଷ୍ଠାର ସହ ନାଗଲ ଚତୁର୍ଥୀ ଓଷା ପାଳନ କରିବାରୁ ନାଗମାତାଙ୍କ କୃପାରୁ ସବୁ ପୁଅମାନେ ପୁନର୍ଜୀବନ ଲାଭ କଲେ । ଓଡ଼ିଶାରେ ମନସା ପୂଜା, ସର୍ପ ପୂଜା ଓ ସର୍ପ ପୂଜା ସମ୍ବନ୍ଧୀୟ ଓଷାବ୍ରତ, ପରମ୍ପରା ଆଦି ଅନୁଧ୍ୟାନ କଲେ ଏଠାରେ ପ୍ରାକ୍-ବୈଦିକ ସଂସ୍କୃତି ଓ ସଂସ୍କାରର ବହୁ ଛାପ ଏବେ ବି ବିଦ୍ୟମାନ ।ଉତ୍ତର ଭାରତରେ ପ୍ରଚଳିତ ମନସା ପୂଜା ସଂକ୍ରାନ୍ତ କିମ୍ବଦନ୍ତୀରେ ଶୈବଧର୍ମ ଓ ଶାକ୍ତ ଧର୍ମ ମଧ୍ୟରେ ସଂଘର୍ଷର ସୂଚନା ମିଳେ । ଶିବ-ପାର୍ବତୀଙ୍କ ମାନସ କନ୍ୟା ମନସା ଦେବୀ ମର୍ତ୍ତ୍ୟରେ ନିଜ ପୂଜାର ପ୍ରବର୍ତ୍ତନ ନିମନ୍ତେ ଇଚ୍ଛା କଲେ । ଜନୈକ ଶିବ ଭକ୍ତ ସାଧବ ମନସା ପୂଜା ପାଇଁ ରାଜି ନହେବାରୁ ତାଙ୍କୁ ଧନ-ଐଶ୍ୱର୍ଯ୍ୟରୁ ବଞ୍ଚିତ କରିବା ସହ ସର୍ପାଘାତରେ ତାଙ୍କର ଛଅଟି ପୁତ୍ରଙ୍କୁ ମାରି ନିଜର ଦୈବୀ ଶକ୍ତିର ପରାକାଷ୍ଠା ପ୍ରଦର୍ଶନ କରିଥିଲେ । ମାତ୍ର ଶିବଭକ୍ତ ସାଧବଙ୍କର ଓଷାର ଆଧ୍ୟାତ୍ମିକ ବିଜୟ ଘଟିଛି । ମନସା ଦେବୀଙ୍କୁ ଶିବ କ୍ଷମା ଦେଇଛନ୍ତି ଏବଂ ସାଧବ ନିଜର ପୁତ୍ର ଫେରି ପାଇଛନ୍ତି । ତା ପରଠୁ ନିଜର ସନ୍ତାନଙ୍କ ରକ୍ଷା ପାଇଁ ମନସା ଦେବୀଙ୍କ ପୂଜା କରାଯାଉଛି । ମନସା ପଞ୍ଚମୀରେ ସର୍ପଦେବୀ ମନସାଙ୍କ ପୂଜା ବିଧି ପୂରା କାଳରୁ ଭାରତ ବର୍ଷରେ ପ୍ରଚଳିତ । ସର୍ପାଘାତରୁ ରକ୍ଷା ପାଇବା ଲାଗି ଶ୍ରାବଣ ମାସର କୃଷ୍ଣପଞ୍ଚମୀ ତିଥିରେ ଅନୁଷ୍ଠିତ ହୁଏ ସର୍ପଦେବୀ ମନସାଙ୍କ ପୂଜା । ପ୍ରଭାବଶାଳୀ ଦେବୀ ମନସା-ପୂଜାର ପୃଷ୍ଠଭୂମି ଓ ପରମ୍ପରା ମୂଳରେ ରହିଛି ସର୍ପପୂଜା । ଓଡ଼ିଶାର କେତେକ ସ୍ଥାନରେ ସର୍ପଦେବୀ ଜାଗୁଲାଇଙ୍କ ପୂଜା ଅନୁଷ୍ଠିତ ହୁଏ ମନସା ପଞ୍ଚମୀରେ । ତିନି ଆଖି ବିଶିଷ୍ଟ ଓ ମୁଣ୍ଡରେ ଫଣା ଥିବା ଏକ ମାଟି ପ୍ରତିମାକୁ ସୁସଜ୍ଜିତ ଟୋକେଇରେ ସ୍ଥାପନ କରି ଗ୍ରାମର ବାରିକ ଘରମାନଙ୍କୁ ଯାଇଥାଏ । ଗୃହିଣୀମାନେ ପିଠାପଣା ଆଦି ପୂଜା କରିଥାନ୍ତି । ବୌଦ୍ଧମାନଙ୍କ ମତରେ ଏହି ଜାଗୁଲାଇ ହେଉଛନ୍ତି ବୌଦ୍ଧମାନଙ୍କ ସର୍ପଦେବୀ ଜାଙ୍ଗୁଲୀ । ଓଡ଼ିଶାର କେତେକ ସ୍ଥାନରେ ନାଗ ଗ୍ରାମ ଦେବତା ରୂପେ ପୂଜିତ ହୋଇଥାନ୍ତି । ଓଡ଼ିଆ ଆଧ୍ୟାତ୍ମିକ ଜନଜୀବନରେ ଏହି ଦିନଟିର ଅତ୍ୟନ୍ତ ଗୁରୁତ୍ୱ ରହିଛି । ଅନେକ ଦେବାଦେବୀ ପୀଠରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ମଧ୍ୟ ହୋଇଥାଏ ।

*'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ,*
*ଦୂରଭାଷ : ୯୪୩୭୦୩୧୨୫୩*

# କାମଦା ଏକାଦଶୀ


ଗୋପୀନାଥ ଦାଶ

ଶ୍ରାବଣ ହେଉଛି ଭଗବାନ ଶିବଙ୍କ ମାସ । ଏହି ମାସରେ ଜପ, ତପ, ବ୍ରତ, ଧ୍ୟାନର ଫଳ ଭଗବାନ ଶିବ ଦେଇଥାନ୍ତି । ଏହି ମାସରେ ଦିବ୍ୟ ସଂଯୋଗ ଆଣିଛି ମଙ୍ଗଳବାର ପଡୁଥିବା କାମିକା ଏକାଦଶୀ । ଶ୍ରାବଣ ମାସ କୃଷ୍ଣ ପକ୍ଷର କାମିକା ଏକାଦଶୀ ସର୍ବ ପାପ ହରଣକାରୀ ଓ ସର୍ବ ସୁଖ ପ୍ରଦାୟକ ଅଟେ । ମନୁଷ୍ୟର ସମସ୍ତ କାମନା ପୂର୍ତ୍ତି କରିବା ହେତୁ ଏହାର ନାମ କାମିକା ହୋଇଛି । ଏହାର ପ୍ରଭାବରେ ଜୀବର ସମସ୍ତ ପାପ ନାଶ ହୋଇଯାଏ । ସଂସାରରେ ସବୁ ସୁଖ ଭୋଗ କରି ଅନ୍ତ କାଳରେ ସେ ପରମଧାମ ପ୍ରାପ୍ତି ହୁଏ ।ଶ୍ରାବଣ କୃଷ୍ଣ ପକ୍ଷରେ ପଡୁଥିବା ଏହି ଏକାଦଶୀକୁ କାମଦା ଏକାଦଶୀ ବୋଲି ମଧ୍ୟ କୁହାଯାଇଥାଏ । ଏଥର ଦେବୀ ପାର୍ବତୀଙ୍କ ପ୍ରିୟ ଶ୍ରାବଣ ମଙ୍ଗଳବାର ଏହି ଏକାଦଶୀ ପଡୁଛି । ଏଣୁ ଏଥର ଏକାଦଶୀ ବ୍ରତଧାରୀ ମାନେ ଭଗବାନ ବିଷ୍ଣୁ, ଶିବ ଏବଂ ପାର୍ବତୀଙ୍କ କୃପା ଲାଭ କରିବାର ସୁଯୋଗ ପାଇବେ । ପଦ୍ମପୁରାଣରେ ବର୍ଣ୍ଣନା ରହିଛି ଯେ କାମିକା ଏକାଦଶୀ କରୁଥିବା ବ୍ୟକ୍ତି ପୃଥିବୀ ଦାନ ସମାନ ପୁଣ୍ୟ ଲାଭ କରିଥାଏ । ଏହି ଏକାଦଶୀ ବ୍ରତ ଦ୍ୱାରା ବାଜପେୟ ଯଜ୍ଞ ସମାନ ଫଳ ମିଳିଥାଏ ବୋଲି ଭଗବାନ ଶ୍ରୀକୃଷ୍ଣ ଧର୍ମରାଜ ଯୁଧିଷ୍ଠିରଙ୍କୁ କହିଛନ୍ତି । ଏହି ଦିନ ମନ ଲଗାଇ ଭଗବାନ ବିଷ୍ଣୁଙ୍କୁ ପୂଜା କଲେ ସମସ୍ତ ପାପ କ୍ଷୟ ହେବା ସହ ମୃତ୍ୟୁ ପରେ ଉତ୍ତମ ଲୋକ ପ୍ରାପ୍ତି ହୋଇଥାଏ । ତୁଳସୀ ଦାନ ଏବଂ ଦୀପ ଜଳାଇ ବିଷ୍ଣୁଙ୍କୁ ପୂଜା କଲେ ବ୍ରତଧାରୀର ପିତୃପୁରୁଷ ପିତରଲୋକରେ ଆନନ୍ଦ ଲାଭ କରିଥାନ୍ତି । ପ୍ରାଚୀନ କାଳରେ ଜଣେ ଜମିଦାର ରହୁଥିଲେ । ଥରେ ତାଙ୍କର ଜଣେ ବ୍ରାହ୍ମଣଙ୍କ ସହ ଝଗଡ଼ା ହୋଇ ବ୍ରାହ୍ମଣଙ୍କୁ ହତ୍ୟା କଲେ । ପରେ ନିଜ କୃତକର୍ମ ପାଇଁ ଜମିଦାର ଲଜ୍ଜିତ ହେଲେ । ନିଜ ପାପ ଖଣ୍ଡନ ପାଇଁ ସେ ବ୍ରାହ୍ମଣଙ୍କ କ୍ରିୟାକର୍ମ କରିବାକୁ ଚାହିଁଲେ । ମାତ୍ର କେହି ପଣ୍ଡିତ ରାଜିହେଲେ ନାହିଁ । ଜମିଦାର ବ୍ରହ୍ମହତ୍ୟାରେ ଦୋଷୀ ହୋଇ ଅକଥନୀୟ ଯନ୍ତ୍ରଣା ଭୋଗିଲେ । ଦିନେ ଜମିଦାର ଜଣେ ମୁନିଙ୍କୁ ଭେଟିଲେ । ମୁନିଙ୍କୁ ନିଜ ସମସ୍ୟା ଜଣାଇବା ପରେ ସେ ଜମିଦାରଙ୍କୁ କାମିକା ଏକାଦଶୀ ବ୍ରତ କରିବାକୁ କହିଲେ । ଜମିଦାର କାମିକା ଏକାଦଶୀ ବ୍ରତ ବିଧିପୂର୍ବକ କଲେ । ସେହିଦିନ ରାତିରେ ଜମିଦାର ଶୋଇଥିବା ବେଳେ ଭଗବାନ ବିଷ୍ଣୁ ତାଙ୍କ ସ୍ୱପ୍ନରେ ଆସି ତାଙ୍କର ସମସ୍ତ ପାପ ଧୋଇ ଦେଇଥିବା କହିଥିଲେ ।

ଏହି ବ୍ରତରେ ତୁଳସୀ ଓ ତୁଳସୀ ମଞ୍ଜରୀର ବିଶେଷ ମହତ୍ତ୍ୱ ରହିଛି । ତୁଳସୀ ଭଗବାନଙ୍କର ଅତି ପ୍ରିୟ । ସେହିପରି ତୁଳସୀ ମଞ୍ଜରୀରେ ପୂଜା କଲେ ମନୁଷ୍ୟର ଜନ୍ମ-ଜନ୍ମାନ୍ତର ପାତକ ନାଶ ହୁଏ । ତାହା କୌଣସି ଗଛ ନୁହେଁ, ସାକ୍ଷାତ ଭଗବାନଙ୍କ ଦର୍ଶନ । ପ୍ରତ୍ୟେକ କର୍ମକାଣ୍ଡରେ ତୁଳସୀର ଉପସ୍ଥିତି ଉତ୍ତମ ଅଟେ । ଯେଉଁଠି ତୁଳସୀ ଗଛ ଥାଏ, ସେଠାରେ ବ୍ରହ୍ମା, ବିଷ୍ଣୁ ମହେଶଙ୍କ ସମେତ ସମସ୍ତ ଦେବତା ବାସ କରନ୍ତି । ପଦ୍ମପୁରାଣ ଅନୁସାରେ ତୁଳସୀର ମହିମା ଅପାର । ତାର ଦର୍ଶନ ମାତ୍ରକେ ସମସ୍ତ ପାପ ଧୌତ ହୁଏ । ସ୍ପର୍ଶ କଲେ ଶରୀର ପବିତ୍ର ହୋଇଯାଏ । ପ୍ରଣାମ କଲେ ରୋଗ ନିବାରଣ ହୋଇଥାଏ । ଜଳରେ ସିଞ୍ଚନ କଲେ ଜମରାଜଙ୍କ ଭୟ ଦୂର ହୁଏ । ରୋପଣ କଲେ ତାହା ପ୍ରଭୁଙ୍କ ସମୀପ ନେଇଯାଏ । ଭକ୍ତର ଧନସମ୍ପତ୍ତି ନୁହେଁ, ନିଷ୍କାମ ଭକ୍ତିକୁ ପ୍ରଭୁ ପରଖନ୍ତି । ଯଦି କୌଣସି ବ୍ୟକ୍ତି ବିଶେଷ କାମନାରେ ପ୍ରଭୁଙ୍କ ବ୍ରତ କରେ, ଭଗବାନ ସେ ଇଚ୍ଛା ମଧ୍ୟ ତାର ତୁରନ୍ତ ପୂରଣ କରନ୍ତି । ପାପ ରୂପୀ ପଙ୍କରେ ବୁଡ଼ିଥିବା ପ୍ରାଣୀକୁ ତାରିବା ପାଇଁ ଏହି ବ୍ରତ ଶ୍ରେଷ୍ଠ । ଗଙ୍ଗା, କାଶୀ, ନୈମିଷାରଣ୍ୟ ଏବଂ ପୁଷ୍କର ତୀର୍ଥରେ କରାଯାଇଥିବା ସ୍ନାନ ଓ ପୂଜନରୁ ମିଳିଥିବା ଦୁର୍ଲ୍ଲଭ ଫଳ ଏହି ବ୍ରତରେ ପ୍ରାପ୍ତି ହୋଇଥାଏ । ପୃଥିବୀ ଏବଂ ଦୁଗ୍ଧ ପ୍ରଦାନକାରିଣୀ ଗାଈକୁ ଆଭୂଷଣରେ ସଜ୍ଜିତ କରି ଦାନ କରିବା ସମାନ ଏହି ବ୍ରତର ପୂଣ୍ୟଫଳ ରହିଛି ।

*ବରଦା, ବାଲିଚନ୍ଦ୍ରପୁର, ଯାଜପୁର,*
*ଦୂରଭାଷ : ୮୮୯୫୨୯୬୧୬୭*

# ବିଶ୍ୱତ୍ରାଣ ସତ୍ୟସାଇ


ଇଂ.ସଚ୍ଚିଦାନନ୍ଦ ନନ୍ଦ

ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଚରଣ କମଳରେ ଯେତେ କୋଟି ପ୍ରଣାମ ଜ୍ଞାପନ କଲେ ବି ତାହା ଯଥେଷ୍ଟ ମନେ ହୁଏନାହିଁ, କାରଣ ତାଙ୍କ କୃପାକଟାକ୍ଷ ଲାଭ କରି କୋଟି କୋଟି ନିଃସନ୍ତାନ ସନ୍ତାନ ଲାଭ କରିଛନ୍ତି, କୋଟି କୋଟି ଅପୁତ୍ରିକ ପୁତ୍ର ଲାଭ କରିଛନ୍ତି, କୋଟି କୋଟି ବାସହୀନ ବାସସ୍ଥାନ ପାଇଛନ୍ତି, କୋଟି କୋଟି ସମସ୍ୟା ବହୁଳ ଜୀବନର ସହଜ ସମାଧାନ ହୋଇପାରିଛି, କୋଟି କୋଟି ଅଶ୍ରୁଆର୍ଦ୍ର ନୟନରୁ ଦୁଃଖ ଦୂର ହୋଇ ଆନନ୍ଦର ବନ୍ୟା ଦେଖାଦେଇଛି । ସବୁଠାରୁ ବଡ଼ କଥା ତାଙ୍କ ନିର୍ଦ୍ଧାରିତ ପଥ ଅବଲମ୍ବନ କରି କଷ୍ଟକର ଜୀବନ ଇଷ୍ଟନିଷ୍ଠ ଜୀବନରେ ପରିଣତ ହୋଇଛି । ନୈତିକତା ହୀନ ପରିବାର ଉଚ୍ଛନ୍ନ ହୋଇଯିବାକୁ ବସିଥିଲାବେଳେ ସାଇ ଶିକ୍ଷାର ଚମତ୍କାରିତା ସେ ପରିବାର ଗୁଡ଼ିକୁ ପୁନର୍ବାର ନୀତି ଓ ପ୍ରୀତି ପରିପୂର୍ଣ୍ଣ କରିଦେଇଛି । ସାଧାରଣ ଘର ଗୁଡ଼ିକ ମର୍ତ୍ତ୍ୟ ବୈକୁଣ୍ଠରେ ପରିଣତ ହୋଇପାରିଛି । ଏଭଳି ବ୍ୟକ୍ତିଗତ ଉପକାର ସଙ୍ଗେ ସଙ୍ଗେ ସାମାଜିକ, ପ୍ରାଦେଶିକ, ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଏପରିକି ଜାତିସଂଘ ମାଧ୍ୟମରେ ବି ସାଇ ତାଙ୍କ ଶିକ୍ଷାର ଚମତ୍କାରିତା ପ୍ରଦର୍ଶନ କରି ସମଗ୍ର ବିଶ୍ୱରେ ଶାନ୍ତି ଓ ମୈତ୍ରୀ ପ୍ରତିଷ୍ଠା ପୂର୍ବକ ପୃଥିବୀର ଅଶେଷ ଉପକାର କରିପାରିଛନ୍ତି । ପ୍ରତି ପାଞ୍ଚ ବର୍ଷରେ ଥରେ ଲେଖାଏଁ ସାଇ ସେବା ସଂଗଠନର ବିଶ୍ୱ ସମ୍ମିଳନୀ ଆୟୋଜନ କରି ବିଶ୍ୱର ପାଖାପାଖି ୧୪୦ ଦେଶର ଭକ୍ତମାନଙ୍କୁ ନିଜ ଚିନ୍ତାଧାରା, ନିଜ ଆଧ୍ୟାତ୍ମିକ ପ୍ରଭାବ ତଥା ପ୍ରଭାବଶାଳୀ ବ୍ୟକ୍ତିତ୍ୱ ମାଧ୍ୟମରେ ରୂପାନ୍ତରିତ କରି ସେମାନଙ୍କ ବ୍ୟକ୍ତିଗତ ସାମୂହିକ ତଥା ପାରିବାରିକ ଉନ୍ନତି, ଆନ୍ତରିକ ଶାନ୍ତି ଓ ସଂହତି ବୃଦ୍ଧି କରିବା ସହିତ ଆଧ୍ୟାତ୍ମିକତାର ଅଭିବୃଦ୍ଧି ଘଟାଇ କୋଟି କୋଟି ଆତ୍ମାର ଉନ୍ମେଷ ବିଧାନ କରି ଯେଉଁ ପରମ ମଙ୍ଗଳ ସାଧି ପାରିଛନ୍ତି ସେଥିପାଇଁ ସେ ସମଗ୍ର ବିଶ୍ୱର ଚିର ସ୍ମରଣୀୟ, ଚିର ବନ୍ଦନୀୟ ତଥା ଚିର ପୂଜନୀୟ ହୋଇ ରହିଥିବେ ।

ଶିକ୍ଷାକ୍ଷେତ୍ରରେ ସଂସ୍କାର, ସେବା କ୍ଷେତ୍ରରେ ସଂସ୍କାର, ସାମାଜିକ ଉନ୍ନତି ଦିଗରେ ସଂସ୍କାର, ସାଧାରଣ ଲୋକଙ୍କର ସାଧାରଣ ଆବଶ୍ୟକତା ପୂରଣ କରିବା ପାଇଁ ସେ ଯେଉଁ ପଦକ୍ଷେପ ନେଇଛନ୍ତି ତାହା ସମସ୍ତଙ୍କର ଅନୁକରଣୀୟ । କେବଳ କଥାରେ ଉପଦେଶ ନଦେଇ କାମରେ ଦେଖାଇ ଯେଉଁ ଉଦାହରଣ ଉପସ୍ଥାପନ କରିଦେଇଛନ୍ତି ତାହା କାଳ କାଳକୁ କେବଳ ଲୋକମାନଙ୍କୁ ନୁହେଁ ସରକାର ମାନଙ୍କୁ ମଧ୍ୟ ମାର୍ଗ ପ୍ରଦର୍ଶନ କରୁଥିବ । ଅଷ୍ଟମ ଶ୍ରେଣୀ ଯାଏ ପାଠ ତାହା ପୁଣି ଆନ୍ଧ୍ରପ୍ରଦେଶର ଉପାନ୍ତ ଅଞ୍ଚଳର ଅନ୍ଧାରୀମୂଳକର ଏକ ଅନାମଧେୟ ବିଦ୍ୟାଳୟରେ । ସେଭଳି ବ୍ୟକ୍ତିର କଥାରେ, ଭାଷଣରେ ଓ ଉପଦେଶରେ କି ଶକ୍ତି ଥିଲା ଯେ ତାହା ଦେଖୁ ଦେଖୁ ବିଶ୍ୱ ସାରା ପ୍ରସରି ଗଲା । ପୃଥିବୀର ସମସ୍ତ ଭାଷାରେ ଅନୁଦିତ ହୋଇଗଲା, ସବୁଠାରୁ ଆଶ୍ଚର୍ଯ୍ୟର କଥା ଦୃଷ୍ଟିଶକ୍ତି ବାଧିତ ମାନଙ୍କ ପାଇଁ ବ୍ରେଲ୍‌ରେ ମଧ୍ୟ ବହି ଛପା ହୋଇଗଲା । ସେ ଶକ୍ତି କଳନାର ବାହାରେ, ମଣିଷ ମସ୍ତିଷ୍କ ତାହାକୁ ଧାରଣ କରିପାରିବନାହିଁ ଏବେ ଭାବିଲେ ମଧ୍ୟ ମନ ହୃଦୟର ତନ୍ତ୍ରୀ କମ୍ପିଉଠେ ଯେ ଏତେ ବଡ଼ ଶକ୍ତି ଗୋଟିଏ ସାଧାରଣ ମାନବ ଶରୀର ଧରି ଧରାପୃଷ୍ଠରେ ଅବତରଣ କରିଥିଲା ଯାହାକୁ ଅବଲୋକନ, ଅନୁଧ୍ୟାନ ଯାହାର ସ୍ପର୍ଶନ ଓ ସମ୍ଭାଷଣ ପାଇବା ପାଇଁ ବିଶ୍ୱବାସୀ ମଧ୍ୟ ସେହି ସମୟ ଅବଧିରେ ଜନ୍ମଲାଭ କରି ତାଙ୍କ ଚର୍ମଚକ୍ଷୁକୁ ପବିତ୍ର କରିବା ସହ ନିଜ ନିଜର ସୌଭାଗ୍ୟର ବିସ୍ତାର ଓ ପ୍ରସାରକୁ ମାପ କରିବାକୁ ଅସମର୍ଥ ହୋଇଗଲେ । ଇତିମଧ୍ୟରେ ସତ୍ୟସାଇଙ୍କ ନିର୍ଦ୍ଦେଶିତ ମାର୍ଗରେ ଚାଲି ନିଜ ଜୀବନ ସହ ସାମାଜିକ ଜୀବନକୁ ସଜାଡ଼ିବାରେ ଲାଗିପଡ଼ିଛନ୍ତି ବିଶ୍ୱର କୋଟି କୋଟି ଆଶ୍ରିତ । ଏବଂ ଏହି କର୍ମ ମାଧ୍ୟମରେ ସାଇ ଶକ୍ତି ଭଳି ଏକ ଦିବ୍ୟ ଶକ୍ତିର ବଚନକୁ କର୍ମ ରୂପ ଦେଇ ଆତ୍ମ ଶାନ୍ତି ଲାଭ କରି ଜୀବନର ପରମ ଲକ୍ଷ୍ୟରେ ଉପନୀତ ହେବାପାଇଁ ସେମାନେ ଶତତ ଚେଷ୍ଟିତ । ଅଭାବୀ ଲୋକଙ୍କର ଅଭାବ ଦୂର କରିବା (ମାନସିକ ସ୍ତର, ଆର୍ଥିକ ସ୍ତର, ସାମାଜିକ ସ୍ତର)ର ଶିକ୍ଷାର ଆଲୋକ ପାଉନଥିବା ଅଞ୍ଚଳରେ ତାହା ଉପଲବ୍ଧ କରାଇବା, ସ୍ୱାସ୍ଥ୍ୟ ବ୍ୟବସ୍ଥା କରିବା, ଅସୁସ୍ଥତାରେ ଔଷଧ ଯୋଗାଇବା, ଶୁଶ୍ରୁଷା କରିବା, ଅନୁକମ୍ପା ଓ ଆଶ୍ୱାସନା ମାଧ୍ୟମରେ ମଣିଷର ଯେ ଉଦ୍ଧାର ସମ୍ଭବ ଏହା ମଧ୍ୟ କୋଟି କୋଟି ଲୋକ ଉପଲବ୍ଧି କଲେଣି । ସତ୍ୟସାଇଙ୍କ ପ୍ରଦତ୍ତ ବାଣୀ 'ମାନବ ସେବା ହିଁ ମାଧବ ସେବା'କୁ ଆଧାର କରି ସେବା କରୁ କରୁ ଦିନେ ମଣିଷ ଉପଲବ୍ଧି କରିବ ଯେ ମାନବ ହିଁ ମାଧବ, ମଣିଷ ହିଁ ଭଗବାନ । ସେ କେବଳ ଏତିକିରେ ଅଟକି ଯିବନାହିଁ ମଣିଷ ସହ ସୃଷ୍ଟିର ପ୍ରତ୍ୟେକ ଜୀବ ଠାରେ ଈଶ୍ୱର ସତ୍ତା ବିଦ୍ୟମାନ, ସେ କ୍ଷେତ୍ରରେ ଆମ କର୍ତ୍ତବ୍ୟ କ'ଣ ତାହା ମଧ୍ୟ ଅନୁଭୂତିରେ ଆସିଯିବ । ଏହି ଆଧ୍ୟାତ୍ମିକ ଜ୍ଞାନ ମଣିଷକୁ ମଣିଷ ଜନ୍ମର ଗୁରୁତ୍ୱ ଓ ଏ ଜନ୍ମର ସାର୍ଥକତା ବାବଦରେ ସଚେତନ କରିଦେବ । ଛୋଟିଆ ଛୋଟିଆ ସେବା କରୁ କରୁ ସ୍ୱର୍ଗ ଆସି ହାତପାହାନ୍ତାରେ ମିଳିଯିବ ଏହା ହିଁ ସତ୍ୟସାଇଙ୍କ ବାଣୀ ଓ ଉପଦେଶରେ ଅନ୍ତର୍ନିହିତ ତାତ୍ପର୍ଯ୍ୟ । ମଣିଷ ଜନ୍ମ ହୋଇପଡ଼ିଲା ମାତ୍ରେ ପରିବାର ପ୍ରତି ଋଣୀ ହୋଇପଡ଼େ । ବହୁ ଲୋକଙ୍କ ବହୁ ପ୍ରକାର ସେବା ଓ ସାହାଯ୍ୟ ଲାଭ କରି ବଢ଼େ, ନିଜ ପରିଚୟ ସୃଷ୍ଟି କରେ, ନିଜ ଗୋଡରେ ନିଜ ଦଣ୍ଡାୟମାନ ହୁଏ, ଜୀବନର ଅନ୍ତିମ ପର୍ଯ୍ୟାୟ ପର୍ଯ୍ୟନ୍ତ ସେ ସମସ୍ତଙ୍କ ଠାରୁ କିଛି ନା କିଛି ପ୍ରକାର ସାହାଯ୍ୟ ଓ ସେବା ପାଇଥାଏ । ସାଧାରଣ ନିୟମ ଅନୁସାରେ ସେ ଋଣମୁକ୍ତ ହେବା ପାଇଁ ସମାଜର ଓ ପରିବାରର ସେବା କରିବା ଉଚିତ । ଯଦି ଜଣେ ଆଧ୍ୟାତ୍ମିକ ପାରଦର୍ଶିତା ଆଶା କରୁଥାଏ ତାହାକୁ ଅଧିକରୁ ଅଧିକ, ଅଧିକ ପ୍ରେମର ସହିତ, ଅଧିକ ଆନନ୍ଦଦାୟକ, ଅଧିକ କାଳ ପାଇଁ ସ୍ଥାୟୀ ସେବା ପ୍ରଦାନ କରିବାକୁ ହୁଏ । ଅଳ୍ପରୁ ଆରମ୍ଭ କରି ଅଧିକରେ ପହଞ୍ଚିବା ସମ୍ଭବ । ଧୈର୍ଯ୍ୟ ଓ ପ୍ରାର୍ଥନା ଏଥିପାଇଁ ଆମକୁ ଶକ୍ତି ଓ ସାମର୍ଥ୍ୟ ଯୋଗାଇବ । ଭଗବାନ ବାବାଙ୍କର ଏହି ବାଣୀ ଉପରେ ଆସ୍ଥା ଓ ବିଶ୍ୱାସ ରଖି ଚରୈବେତି ଚରୈବେତି ନୀତିରେ ଅଗ୍ରସର ହେବା ବିଜ୍ଞତାର ପରିଚୟ ହେବ । ସର୍ବୋପରି ପ୍ରଭୁ କୃପା ଆମର ସହାୟ ହେଉ, ବାଟ କଢ଼ାଇ ନେଉ ।

*ଅଲିଶା ବଜାର, କଟକ,*
*ଦୂରଭାଷ : ୯୩୩୭୨୪୨୯୫୫*

# କବିଚନ୍ଦ୍ର କାଳୀଚରଣ


ଡ଼ଃ.ଅରୁନ୍ଧତୀ ଦେବୀ

ଓଡ଼ିଶୀ ସଂଗୀତ ଶାସ୍ତ୍ରୀୟ ମାନ୍ୟତା ଲାଭ କରିଥିଲା ୧୯୫୮ରେ । ଏଥିପାଇଁ କେନ୍ଦ୍ର ସଂଗୀତ ନାଟକ ଏକାଡ଼େମୀ ଯେଉଁ ମହାନ ଓଡ଼ିଆଙ୍କ ଯୁକ୍ତିକୁ ଗ୍ରହଣ କରିଥିଲା, ସେ ହେଉଛନ୍ତି କବି ଚନ୍ଦ୍ର କାଳୀଚରଣ ପଟ୍ଟନାୟକ । ଓଡ଼ିଶାର ରଙ୍ଗମଞ୍ଚ ଆନ୍ଦୋଳନର ଏଡ଼ି ବିପ୍ଳବୀ ଏକାଧାରରେ ଥିଲେ କବି, ନାଟ୍ୟକାର, ଗବେଷକ, ସଂଗୀତ ନିର୍ଦ୍ଦେଶକ, ଗାୟକ ଓ ଅଭିନେତା । ନିଜ ଜୀବନ କାଳରେ ବହୁ ଯଶଃ ଲାଭ କରିଥିଲେ ପୁଣି ଅପବାଦିତ ମଧ୍ୟ ହୋଇଥିଲେ । ପରଲୋକର ମାତ୍ର ଏକବର୍ଷ ପୂର୍ବରୁ ତାଙ୍କର ଆତ୍ମଚରିତ କୁମ୍ଭାର ଚକ କେନ୍ଦ୍ର ସାହିତ୍ୟ ଏକାଡ଼େମି ପୁରସ୍କାର ପାଇଥିଲା ।ସେ ରାସ ମାଧ୍ୟମରେ ନାଟକ କ୍ଷେତ୍ରରେ ପ୍ରବେଶ କରିଥିଲେ । ୧୯୧୮ରେ ପ୍ରକାଶିତ ହୋଇଥିଲା ତାଙ୍କର ପ୍ରଥମ ନାଟକ ଧ୍ରୁବ । ରାସ ନାଟକ ସହ ସଂପର୍କ ୧୯୩୯ ଯାଏଥିଲା । ଏକ ବ୍ୟବସାୟିକ ରାସ ଦଳ ଗଢ଼ି ସାରା ଓଡ଼ିଶା ବୁଲି ବୁଲି ରାସ-ରସ ପରିବେଷଣ କରିଥିଲେ । ରାସରେ ପ୍ରହସନ ଭିର୍ତ୍ତିକରି ନିନ୍ଦିତ ମଧ୍ୟ ହୋଇଥିଲେ । ଅଜବ ସହର ପୁରୀରେ ଭାଇ । ଅଜବ ସହର ପୁରୀ । ମଶା, ମୂଷା, ମହନ୍ତ, ମାତା, ମାଙ୍କଡ଼, ମାହାରୀ ଏଠି କରତା – ଏହି ଲେଖା ପୁରୀର ମାତା, ମହନ୍ତଙ୍କୁ ବଡ଼ ଅସ୍ୱସ୍ତି ଦେଇଥିଲା । ତୀବ୍ର ପ୍ରତିକ୍ରିୟା ଯୋଗୁଁ ସେ ପୁରୀ ଛାଡ଼ିବାକୁ ବାଧ୍ୟ ହୋଇଥିଲେ । ୧୯୩୯ରେ କାଳୀଚରଣ ରାସ ଛାଡ଼ି ଗଢ଼ିଥିଲେ ଓଡ଼ିଶା ଥିଏଟର୍ସ । ତାଙ୍କ ଦ୍ୱାରା ଲିଖିତ ପ୍ରଥମ ସାମାଜିକ ନାଟକ ହେଉଛି ପ୍ରତିଶୋଧ । ଭାତ, ଅଭିଯାନ, ଚକ୍ରୀ, ରକ୍ତମାଟି, ହରଣଚାଳ ଆଦି ତାଙ୍କର ଶ୍ରେଷ୍ଠ କୃତି ଅନ୍ତର୍ଭୁକ୍ତ । ମୁଖ୍ୟତଃ ନାଟକକୁ ସମ୍ବଳ କରି ସେ ପେଟ ପୋଷୁଥିଲେ । ଓଡ଼ିଆ ଜାତିକୁ ଅନେକ କିଛି ଦେଇ ମଧ୍ୟ ଶେଷ ଜୀବନରେ ବହୁ କଷ୍ଟ ଭୋଗିଥିଲେ । ପତ୍ନୀଙ୍କ ଦେହାନ୍ତ ପରେ ଏକରକମ ନିଃସଙ୍ଗ ଜୀବନ ବଞ୍ଚିଥିଲେ । ନଟବର ଖୁଣ୍ଟିଆଙ୍କ ଦ୍ୱାରା ସଂପାଦିତ ବିଂଶ ଶତାବ୍ଦୀର ବିଂଶ ଓଡ଼ିଆ ପୁସ୍ତକରେ ସ୍ଥାନିତ ଡ.ବାବାଜୀ ଚରଣ ପଟ୍ଟନାୟକଙ୍କ ଦ୍ୱାରା ଲିଖିତ ଏକ ପ୍ରବନ୍ଧ ଅନୁଯାୟୀ ୧୯୭୮ ଜୁଲାଇ ୨୪ ତାରିଖ ଦିନରେ କବିଚନ୍ଦ୍ରଙ୍କର ପରଲୋକ ହୋଇଥିଲା ।

*ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,*
*ଦୂରଭାଷ : ୯୯୩୭୧୭୨୮୧୦*

# କର୍ମଚାରୀ ଓ ପେନସନଭୋଗୀଙ୍କ ପାଇଁ ନୈରାଶ୍ୟଜନକ ବଜେଟ


ବୃହସ୍ପତି ସାମଲ

କେବଳ ଆୟକର ଦାଖଲ ପାଇଁ ଥିବା ଷ୍ଟାଣ୍ଡାର୍ଡ ଡିଡକ୍ସନରେ ପଚିଶ ହଜାର ଏବଂ ଫାମିଲି ପେନସନ ଡିଡ ?କ୍ସନରେ ଦଶ ହଜାର ଟଙ୍କା ବୃଦ୍ଧି କରି ସରକାର କର୍ମଚାରୀ ଓ ପେନସନଭୋଗୀଙ୍କୁ ଖୁସି କରିବାକୁ ଚେଷ୍ଟା କରିବା ବ୍ୟତୀତ, ଚଳିତ ବଜେଟ ଉଭୟ ଶ୍ରମିକ-କର୍ମଚାରୀ ଓ ପେନସନଭୋଗୀଙ୍କ ପାଇଁ ସମ୍ପୂର୍ଣ୍ଣ ନୈରାଶ୍ୟଜନକ କହିଲେ ଅତ୍ୟୁକ୍ତି ହେବନାହିଁ । ଦେଶର ସମସ୍ତ ଶ୍ରମିକ-କର୍ମଚାରୀମାନଙ୍କର ଏକ ବଡ଼ ଆଶା ଥିଲା ସରକାର ନିଶ୍ଚିତ ଭାବେ ଅଷ୍ଟମ ବେତନ ଆୟୋଗ ଗଠନ ପାଇଁ ଚଳିତ ବଜେଟରେ ଘୋଷଣା କରିବା ସହ ପେନସନ ଯୋଜନାରେ ପରିବର୍ତ୍ତନ ତଥା କୋଭିଡ ସମୟରୁ କାଟି ନେଇଥିବା ୧୮ମାସର ବକେୟା ମହଙ୍ଗା ଭତ୍ତାକୁ ଫେରେଇ ଦେବା ପାଇଁ ପ୍ରାବଧାନ କରିବେ । କିନ୍ତୁ କର୍ମଚାରୀଙ୍କର ଏହି ତିନୋଟି ମୁଖ୍ୟ ଦାବି ଉପରେ ଚଳିତ ବଜେଟ ସମ୍ପୂର୍ଣ୍ଣ ନୀରବ । କର୍ମଚାରୀଙ୍କ ସର୍ବନିମ୍ନ ବେତନ ନିର୍ଦ୍ଧାରଣ ଓ ପେନସନରେ ସୁଧାର ଆଣିବା ଏବଂ ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକ ଓ କର୍ମଚାରୀମାନଙ୍କ ପାଇଁ ମାସିକ ନ'ହଜାର ଟଙ୍କା ସର୍ବନିମ୍ନ ପେନସନ ଘୋଷଣା ବିଳମ୍ୱିତ ହେଉଥିବା ବେଳେ, ଚଳିତ ବଜେଟରେ ନାବାଳକଙ୍କ ପାଇଁ 'ବାତ୍ସଲ୍ୟ' ପେନସନ ଯୋଜନାର ପ୍ରଚଳନ ନିହାତି ହାସ୍ୟାସ୍ପଦ । ଅଧିକନ୍ତୁ, ପାର୍ଲିଆମେଣ୍ଟାରୀ ଷ୍ଟାଣ୍ଡିଂ କମିଟି ଫେବୃଆରୀ ୨୦୨୪ରେ ସେମାନଙ୍କର ୧୫୫ତମ ରିପୋର୍ଟ ଦାଖଲ କଲାବେଳେ ମହଜୁଦା ସର୍ତ୍ତାବଳୀକୁ କୋହଳ କରି କେନ୍ଦ୍ର ସରକାରୀ ସ୍ୱାସ୍ଥ୍ୟ ଯୋଜନା (ସିଜିଏଚ୍‌ଏସ୍)ରେ ଅଧିକ ସଂଖ୍ୟକ ସ୍ୱାସ୍ଥ୍ୟ ମଙ୍ଗଳ କେନ୍ଦ୍ର ଖୋଲିବା ପାଇଁ ସୁପାରିଶ କରିଥିଲେ ବି ଚଳିତ ବଜେଟରେ ସେଭଳି କିଛି ପ୍ରାବଧାନ ନାହିଁ କିମ୍ବା ଔଷଧପତ୍ର ଓ ବିଭିନ୍ନ ମେଡ଼ିକାଲ ସରଂଜାମର ଦରବୃଦ୍ଧିକୁ ଆଖିରେ ରଖି ନିର୍ଦ୍ଦିଷ୍ଟ ରୋଗର ଚିକିତ୍ସା ପାଇଁ ଧାର୍ଯ୍ୟ ସିଜିଏଚ୍‌ଏସ୍ ପ୍ୟାକେଜରେ ମଧ୍ୟ କୌଣସି ପରିବର୍ତ୍ତନ କରିନାହାନ୍ତି । ତେଣୁ ଚଳିତ ବଜେଟକୁ କର୍ମଚାରୀ ବିରୋଧୀ କହିଲେ ଭୁଲ ହେବନାହିଁ ।

ସାଧାରଣ ସମ୍ପାଦକ
କେନ୍ଦ୍ର ସରକାରୀ କର୍ମଚାରୀ ଓ ଶ୍ରମିକ ପରିସଂଘ
ଓଡ଼ିଶା ରାଜ୍ୟ ସମନ୍ୱୟ ସମିତି, ଭୁବନେଶ୍ୱର
ମୋବାଇଲ : ୯୪୩୭୦୨୨୬୬୯




# ରାଜୀବ ଗାନ୍ଧୀ ପଂଚାୟତ ରାଜ ସଂଗଠନ ପକ୍ଷରୁ ଗ୍ରାମ ସ୍ୱରାଜ ଅଭିଯାନର ଶୁଭାରମ୍ଭ

ଭୁବନେଶ୍ୱର (ପିଏନ)- ରାଜୀବ ଗାନ୍ଧୀ ପଂଚାୟତିରାଜ ସଂଗଠନ ପକ୍ଷରୁ 'ଗ୍ରାମ ସ୍ୱରାଜ ଅଭିଯାନ' ଏକ ମାସଧରି ଆୟୋଜିତ ହେବାର ନିଷ୍ପତି ହୋଇଛି। କୃଷକ ବିରୋଧି ୩ଟି ଆଇନ, ଶ୍ରମିକ ମାନଙ୍କ ବିରୋଧି ଶ୍ରମକ୍ଷେତ୍ର ପ୍ରଚଳନ, ନୂତନ ଶିକ୍ଷାନୀତି ଓ ପରିବେଶ ଆଇନ ନିର୍ଦ୍ଦେଶନାମା ୨୦୨୦ ଇତ୍ୟାଦି କେନ୍ଦ୍ର ସରକାରଙ୍କର ଜନବିରୋଧି ଆଇନ ଏବଂ ପଦକ୍ଷେପ ଗୁଡ଼ିକ ବିରୁଦ୍ଧରେ ବ୍ୟାପକ ଜନ ସଚେତନତା ସୃଷ୍ଟି କରିବା ସହିତ ଓଡ଼ିଶାର ପଂଚାୟତରାଜ ବ୍ୟବସ୍ଥାକୁ ସଶକ୍ତି ଏବଂ ବାବୁମାନଙ୍କ କବଳରୁ ମୁକ୍ତ କରିବା ହେଉଛି ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ଏହି ଗ୍ରାମ ସ୍ୱରାଜ ଅଭିଯାନକୁ ଗତକାଲି ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତି ଅବସରରେ ଏକ ୱେବନାର ମାଧ୍ୟମରେ ପିସିସି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ଶୁଭାରମ୍ଭ କରିଛନ୍ତି। ମୁଖ୍ୟବକ୍ତା ଭାବରେ ପୂର୍ବତନ ଅର୍ଥମନ୍ତ୍ରୀ ଶ୍ରୀ ପଂଚାନନ



କାନୁନଗୋ ଯୋଗଦେଇଥିବା ବେଳେ ସଂଗଠନର ରାଜ୍ୟ ଅଧ୍ୟକ୍ଷ ଏହାକୁ ସଂଯୋଜନା ଓ ଅଧ୍ୟକ୍ଷତା କରିଥିଲେ। ଆମ ରାଜ୍ୟରେ ପଂଚାୟତି ରାଜ ବ୍ୟବସ୍ଥାକୁ ସରକାରୀ ବାବୁମାନଙ୍କର ଅଧିନସ୍ଥ କରିଦିଆଯାଛି। ସରପଂଚ ମାନଙ୍କୁ ଜିଲ୍ଲାପାଳ କ୍ଷମତା ଦିଆଯିବାର ଘୋଷଣା କରିବାବେଳେ ସରପଂଚମାନେ ବି.ଡି.ଓ ଙ୍କ ବିନା କାଉଣ୍ଟର ଦସ୍ତଖତ ବା ଅନୁମୋଦନରେ ପଂଚାୟତର ଅର୍ଥ ଖର୍ଚ୍ଚ କରିପାରୁ ନାହାନ୍ତି। ଗ୍ରାମସଭା ବସୁନାହିଁ କି ପଲ୍ଲୀସଭା ତାର ମର୍ଯ୍ୟାଦା ହରାଇ ସାରିଲାଣି। ସରକାର ପଂଚାୟତକୁ ଯେଉଁସବୁ କ୍ଷମତା ଦେବା କଥା ତାହା ଆଜିପର୍ଯ୍ୟନ୍ତ ଶକ୍ତ ଦାୟିତ୍ୱ ହୋଇପାରି ନାହିଁ। ମୋଟ ଉପରେ ପଂଚାୟତ ବ୍ୟବସ୍ଥା ବିଜେଡ଼ି ସରକାର ପିଞ୍ଜରାରେ ଶୁଆ ପାଲଟି ଯାଇଛି। ମହାତ୍ମା ଗାନ୍ଧୀଙ୍କ ଅନୁଭବ ଥିଲା ଗ୍ରାମ ସ୍ୱରାଜ ମାଧ୍ୟମରେ ପ୍ରଦତ ସ୍ୱରାଜ ଲୋକଙ୍କୁ ମିଳିପାରିବ। ଲୋକଙ୍କ ନିଜର ବିକାଶ ଏବଂ ପ୍ରଗତିର ନିର୍ଦ୍ଧାରକ ହେବ। ତାଙ୍କର ସେଇ ବାର୍ତା ନେଇ ରାଜୀବ ଗାନ୍ଧୀ ପଂଚାୟତିରା ସଂଗଠନ ଏହି ଗ୍ରାମ ସ୍ୱରାଜ ଅଭିଯାନ ଆରମ୍ଭ କରିଛି ଯାହା ଏକମାସ ଧରି ଚାଲିବ। ରାଜ୍ୟର ପ୍ରତି ପଂଚାୟତରେ ସଭାସମିତ, ପଦଯାତ୍ରା କୃଷି ଓ ଶ୍ରମିକ ବିରୋଧି ଆଇନ ବିରୁଦ୍ଧରେ ବିକ୍ଷୋଭ, ପ୍ରତିବାଦ ଆନ୍ଦୋଳନ ଇତ୍ୟାଦି ମାଧ୍ୟମରେ ଏହା ପାଳିତ ହେବ। ଅକ୍ଟୋବର ୨ ତାରିଖରେ ରାଜ୍ୟର ବିଭିନ୍ନ ପଂଚାୟତରେ ଏହା ଆରମ୍ଭ ହୋଇଯାଇଛି। ଏହି ଅଭିଯାନକୁ ସଫଳ କରିବା ପାଇଁ ସଂଗଠନର ଅଧ୍ୟକ୍ଷ ସୁଦର୍ଶନ ଦାସ ନିବେଦନ କରିଛନ୍ତି।

# ମଧ୍ୟାହ୍ନ ଭୋଜନରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ସହିତ ଉପଯୁକ୍ତ ସଂସ୍ଥା ଜରିଆରେ ହେଉ

ଆମ ରାଜ୍ୟ ସରକାର ବିଗତ ସରକାର ରୁ ଆରମ୍ଭ ହୋଇ ଥିବା ସ୍କୁଲ ମାନଙ୍କରେ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ହେଉଥିବା ମଧ୍ୟାହ୍ନ ଭୋଜନ କୁ ବର୍ତ୍ତମାନ ସରକାର ତାହା ବଦଳାଇ ତିଥି ଭୋଜନ ନାମରେ ନାମିତ କରିବାକୁ ସ୍ଥିର କରୁଛନ୍ତି ।ଯେମିତି ଦେଶର ଅନ୍ୟ କିଛି ରାଜ୍ୟରେ ଏହି ମଧ୍ୟାହ୍ନ ଭୋଜନ କୁ ସ୍ନେହ ଭୋଜନ , ସମ୍ପ୍ରୀତ ଭୋଜନ ,ପ୍ରୀତି ଭୋଜନ , ସାଲେଗାମି ନାକୁ ନେକ୍ସ ଭାବରେ ଚାଲିଛି ଠିକ୍ ସେହିପରି ଚଳାଇବାକୁ ମନସ୍ଥ କରିବା ପାଇଁ ସଜବାଜ ହେଉଛନ୍ତି । ପ୍ରତି ୧୦୦ ଦିନ ପାଇଁ କାର୍ଯ୍ୟକ୍ରମ ସ୍ଥିର ହୋଇ ସେଥିରେ ବିଭିନ୍ନ ପ୍ରକାରର କମ୍ୟୁନୀଟି ସଦସ୍ୟ ,ବା ସିଭିଲ ସ୍ୱକ୍ଟମସରସ୍ୱଚ୍ଛ ସଭ୍ୟ, ରାଜ୍ୟ ପ୍ରତିଷ୍ଠା ଦିବସ, ରାଜ୍ୟ ସ୍ତରୀୟ କୌଣସି ବରପୁତ୍ର ଙ୍କ ଜନ୍ମ ଦିନ ,ମାନଙ୍କରେ ପିଲାମାନଙ୍କୁ ପୁଷ୍ଟିକର ,ସ୍ୱାସ୍ଥ୍ୟକର ଉତ୍ତମ ଖାଦ୍ୟ ବିଭିନ୍ନ ଏଞ୍ଜିଓ ,ଶିଳ୍ପ ସଂସ୍ଥା ,ବାଣିଜ୍ୟ ପ୍ରତିଷ୍ଠାନ , ଟ୍ରେଡ ୟୁନିଅନ ମାନଙ୍କ ଦ୍ୱାରା ପ୍ରଦାନ କରାଯିବ । ଏଥିରେ ପ୍ରଥମ ରୁ ପଞ୍ଚମ ଯାଏ ପିଲାଙ୍କୁ ୪୫୦.୧୨ ଗ୍ରାମ ଓ ଷଷ୍ଠ ରୁ ଅଷ୍ଟମ ଯାଏ ପିଲାଙ୍କୁ ୭୫୦.୨୦ ଗ୍ରାମ ପୌଷ୍ଟିକ ଖାଦ୍ୟ ଦେବାପାଇଁ ଓ ଏଥିରେ ବିଭିନ୍ନ ପନିପରିବା।,ମିଲେଟ ,ଛୁଇଁ ଜାତୀୟ ଖାଦ୍ୟ ,ବିଭିନ୍ନ ଡାଲି ଜାତୀୟ ଖାଦ୍ୟ ଦେବାକୁ ସରକାର ସ୍ଥିର କରିବାକୁ ଥିବା ସଂସ୍ଥା ମାଧ୍ୟମ ରେ ଦିଆଯିବ । କିନ୍ତୁ ଏହା ସମ୍ପୂର୍ଣ୍ଣ ଭାବରେ କାର୍ଯ୍ୟକାରୀ ହେବା ପୂର୍ବରୁ ସରକାର ସ୍ଥିର କରନ୍ତୁ ଯେ ଏହା ଯେପରି ପିଲା ମାନଙ୍କୁ ପ୍ରତିଦିନ ମିଳି ପାରିବ। କାରଣ ଏଥିରେ ଯଦି ବିଚ୍ୟୁତ ହୁଏ ତେବେ ପିଲାମାନେ ଭୋକ



ଉପାସରେ ରହିବେ । ଯେଉଁଦିନ କିଛି ତିଥି ଥିବ ସେଦିନ ପିଲାଙ୍କୁ ଖାଦ୍ୟ ମିଳିବ କିନ୍ତୁ ଅନ୍ୟଦିନ ମାନଙ୍କରେ କଣ ହେବ ।ସବୁଦିନ ତ କିଛି ତିଥି ପଡ଼ିବ ନାହିଁ । ଯେଉଁ ସବୁ ସଂସ୍ଥା ଖାଦ୍ୟ ଦେବେ ସେମାନେ ମଧ୍ୟ ସରକାର ଙ୍କ ଶିକ୍ଷା ବିଭାଗ ଦ୍ୱାରା ଅନୁବନ୍ଧିତ ହେବା ଦରକାର ଓ କେଉଁ ପ୍ରକାର ର ଖାଦ୍ୟ ପ୍ରସ୍ତୁତ ହେଉଛି ତାହା ଜଣେ ସଚ୍‌ଚୋଟ ଫୁଡ୍ ଇନ୍ସପେକ୍ଟର ଙ୍କ ଦ୍ୱାରା ବିଧିବଦ୍ଧ ଭାବରେ ବୈଜ୍ଞାନିକ ପ୍ରଣାଳୀରେ ଖାଦ୍ୟର ମାନ ଯାଞ୍ଚ ହେବା ନିହାତି ଜରୁରୀ । ଏହା ଯଦି ସ୍କୁଲ ପରିସର ରେ ରୋଷେଇ ହୁଏ ତେବେ ସ୍କୁଲ ଦ୍ୱାରା ନିଯୁକ୍ତ ରୋଷେୟା ନିଶ୍ଚିତ ଭାବରେ ରୋଷେଇ କରିବ ଯାହା ଏବେ ମଧ୍ୟ ଚାଲିଛି କିନ୍ତୁ ସେଥିରେ ଅନେକ ସମୟରେ ରୋଷେଇ ର ମାନ ଠିକ୍ ରହେ ନାହିଁ,କେବେ ରୋଷେଇ ସମୟରେ ସେଥିରେ ଝିଟିପିଟି ,ଅସରପା ଇତ୍ୟାଦି ପଡ଼ି ଯାଆନ୍ତି ଓ ରନ୍ଧା ଖାଦ୍ୟ ନଷ୍ଟ କରିବାକୁ ହୁଏ ଯାହା ଫଳରେ ସମସ୍ତେ ଉପାସରେ ରହନ୍ତି । କେବେବି କିଣା ଯାଉଥିବା ଡାଲି ,ଚାଉଳ ,ପ୍ରଭୃତି ର ମାନ ଠିକ୍ ନ ଥାଏ ।ଅନେକ ସମୟରେ ସେଗୁଡିକ ବାଟ ମାରଣ ହୁଏ । ସବୁଠାରୁ ବଡ ସମସ୍ୟା ହେଲା ଯେ ଯେଉଁ ଶିକ୍ଷକ ଙ୍କୁ ଏହି ରୋଷେଇ ଦାୟିତ୍ୱ ଦିଆଯାଇଥାଏ ସେ ମଧ୍ୟାହ୍ନ ଭୋଜନ ଶେଷ ନ ହେବା ପର୍ଯ୍ୟନ୍ତ ପିଲାଙ୍କ କ୍ଲାସ ନେଇ ପାରନ୍ତି ନାହିଁ। ପ୍ରଧାନ ଶିକ୍ଷକ ଙ୍କୁ ମଧ୍ୟ ଏଥିପାଇଁ ପୁରା ଭାବରେ ତଦାରଖ କରିବା କୁ ହୁଏ । ସେଥିରେ ପୁଣି ରୋଷେୟା ମାନଙ୍କ ଦରମା , ଭତ୍ତା ଓ ଅନେକ ସମସ୍ୟା ନେଇ ସେମାନେ କେବେ କେବେ ନିଜର ଦାବି ଜଣାଇ ଶୋଭାଯାତ୍ରା,ଆନ୍‌ଦୋଳନ କରି ରୋଷେଇ ବନ୍ଦ୍ କରନ୍ତି ଓ ପିଲାମାନେ ଭୋକ ଉପାସରେ ରହନ୍ତି । ତେଣୁ ଏ ସବୁ ସମସ୍ୟାର ସମାଧାନ ପାଇଁ ଯଦି ସରକାର ଆମ ଦେଶରେ ଥିବା ଅକ୍ଷୟ ପାତ୍ର ଫାଉଣ୍ଡେସନ ସଂସ୍ଥା ଯିଏକି ଆମ ରାଜ୍ୟରେ ମଧ୍ୟ ଅନେକ ସ୍କୁଲ ରେ ତାଙ୍କର ଶୁଦ୍ଧ ଶାକାହାରୀ ,ପୌଷ୍ଟିକ ଖାଦ୍ୟ,ଯାହାକି ସମ୍ପୂର୍ଣ୍ଣ ରୂପେ ତେଲ ,ମସଲା ବିହୀନ ,କିନ୍ତୁ ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟକର ଖାଦ୍ୟ ପରିବେଷଣ କରୁଛି ଯଦି ସରକାର ସେହି ସଂସ୍ଥା ସହିତ ଯୋଗାଯୋଗ କରି ଏହାର ପୌଷ୍ଟିକ ଖାଦ୍ୟ ପିଲା ମାନଙ୍କ ପାଇଁ ବ୍ୟବସ୍ଥା କରନ୍ତି ତେବେ ସବୁ ସମସ୍ୟାର ସମାଧାନ ହୋଇ ଯାଆନ୍ତା। ସରକାର ପିଲାଙ୍କ ପାଇଁ ଚିନ୍ତା କରିଥିବା ଉତ୍ତମ ଖାଦ୍ୟ ଓ ଉତ୍ତମ ସ୍ୱାସ୍ଥ୍ୟ ଅତ୍ୟନ୍ତ ସ୍ୱାଗତଯୋଗ୍ୟ ପଦକ୍ଷେପ କିନ୍ତୁ ତାହା ଯଦି ଉଚିତ୍ ରାସ୍ତାରେ ସ୍ଥିର ଚିନ୍ତାର ସହିତ କରାଯିବ ତେବେ ତାହା ସବୁ ଦିଗରୁ ଉଚିତ୍ ହେବ ।କିନ୍ତୁ ହଡବଡ ନ ହୋଇ ଶ୍ରୀ ମନ୍ଦିର ର ଚାରି ଦ୍ୱାର ଖୋଲିବା ଭଳିଆ ନ ହେଉ ।

*ପ୍ରଦୀପ୍ତ କୁମାର କର*
*ପ୍ଲଟ ନଂ ୨୫, ସୂର୍ଯ୍ୟ ନଗର*
*ଭୁବନେଶ୍ୱର*
*୯୪୩୭୦୮୪୩୧୨.*

# ଗାନ୍ଧୀ ଜୟନ୍ତୀରେ ଅଙ୍ଗନୱାଡ଼ୀ ଶିଶୁଙ୍କୁ ୟୁନିଫର୍ମ ବ ନ



ଯାଜପୁର(ପିଏନ): ଗାନ୍ଧୀ ଜୟନ୍ତୀ ଅବସରରେ କୋଭିଡ୍ -୧୯ ନିୟମ କୁ ପାଳନ କରି ଯାଜପୁର ପୌରପାଳିକା ଅନ୍ତର୍ଗତ ଅଠରନଳା ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ଅଙ୍ଗନୱାଡ଼ିରେ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ଲାଭ କରୁଥିବା ଅଙ୍ଗନୱାଡ଼ି ଶିଶୁମାନଙ୍କୁ ନୂଆ ୟୁନିଫର୍ମ ବ ନକରାଯାଇଥିଲା। ମୁଖ୍ୟ ଅତିଥିଭାବେ ସମାଜସେବୀ ଶ୍ରୀ ପାଣ୍ଡବ ଚରଣ ସାହୁ ଓ ଅଠରନଳା ପ୍ରାଥମିକ ବିଦ୍ୟାଳୟର ସଭାପତି ପଦ୍ମିନୀ ସାହୁ ସମ୍ମାନନୀୟ ଅତିଥିଭାବେ ଯୋଗ ଦେଇ ଶିଶୁମାନଙ୍କୁ ପୋଷାକ ବ ନ କରିଥିଲେ। ମୁଖ୍ୟ ଶ୍ରୀ ସାହୁ ଅଙ୍ଗନୱାଡ଼ି ଛାତ୍ରଛାତ୍ରୀମାନଙ୍କୁ ମାହାତ୍ମା ଗାନ୍ଧୀ ଜୀବନି ଓ କାର୍ଯ୍ୟାବଳୀ ବିଷୟରେ ବୁଝାଇଥିଲେ। ସର୍ବଶେଷରେ ଅଙ୍ଗନୱାଡ଼ି କର୍ମୀ ସୁପ୍ରିତୀ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସଙ୍ଗେ ସଙ୍ଗେ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଣେଶ୍ୱର ହାଇସ୍କୁଲ ପାଇଁ ଗୌରବ ଆଣିଲେ ଜ୍ଞାନେନ୍ଦ୍ର କୁମାର



ଗୋଳାବନ୍ଧ(ପିଏନ)- ଘଟଗାଁ ବ୍ଲକ ବାଟହରିଚନ୍ଦନପୁର ସ୍ଥିତ ବାଣେଶ୍ୱର ହାଇସ୍କୁଲର ପୂର୍ବତନ ଛାତ୍ର ଜ୍ଞାନେନ୍ଦ୍ର କୁମାର ବେହେରା ଅଗ୍ନିଶମ ବିଭାଗର ଦ୍ୱିତୀୟ ଶ୍ରେଣୀ ଅଫିସର ପଦବୀ ପାଇବା ପରେ ହାଇସ୍କୁଲର ସାଙ୍ଗସାଥୀଙ୍କ ଠାରୁ ଆରମ୍ଭ କରି ଶିକ୍ଷକ ମାନଙ୍କ ପର୍ଯ୍ୟନ୍ତ ସମସ୍ତେ ଖୁସି ବ୍ୟକ୍ତି କରିବା ସହ ଶୁଭେଚ୍ଛାର ସୁଅ ଛୁଟାଇଛନ୍ତି । ପିଲା ବେଳୁ ତାଙ୍କର ସ୍ୱପ୍ନ ଥିଲା କି ସେ ଜଣେ ଅଫିସର ହେବେ । ତେଣୁ ସେ କଠିନ କରୁଥିଲେ । ତାଙ୍କର ପରିଶ୍ରମର ଫଳ ସେ ପାଇଛନ୍ତି ବୋଲି ପ୍ରକାଶ କରିଛନ୍ତି । ଏହି ପରିଶ୍ରମର ଫଳ ପାଇବା ପଛରେ ବାପା, ଗୁରୁଜନ, ଶିକ୍ଷକ ମାନଙ୍କ ଆଶିର୍ବାଦ ରହିଛି ବୋଲି କହିଥିଲେ । ପ୍ରକାଶ ଥାଉକି ତାଙ୍କର ବାପା ଜଗବନ୍ଧୁ ବେହେରା ସେହି ହାଇସ୍କୁଲରେ ଚତୁର୍ଥ ଶ୍ରେଣୀର କର୍ମଚାରୀ । ତାଙ୍କର ସ୍ୱଳ୍ପ ବେତନ ଥିବା ସ ୍ୱ ସବୁବେଳେ ସବୁ ପରିସ୍ଥିତିରେ ସେ ସମ୍ପୂର୍ଣ୍ଣ ସହଯୋଗ କରିଥିବାରୁ ଆଜି ସେ ସଫଳ ହୋଇଛନ୍ତି ବୋଲି ଶ୍ରୀ ବେହେରା ପ୍ରକାଶ କରିଛନ୍ତି ।

# ଅସ୍ମିତା - ବିଚାର

କେନ୍ଦ୍ରାପଡ଼ା,(ପି.ଏନ): ମୁଁ ଜାଣିଛି ଏହାକୁ କେହି ପଢ଼ିବେ ନାହିଁ କିମ୍ବା ପଢ଼ିଲେ ବୁଝିଲେ ସୁଦ୍ଧା କିଛି କରିପାରିବେ ନାହିଁ। କାରଣ ସେମାନଙ୍କର ସତ୍‌ସାହସ ନାହିଁ। ବ ର୍ମାନ ଓଡ଼ିଶାରେ ଅସ୍ମିତା ଏକ ସଂକ୍ରାମକ ବ୍ୟାଧି ରୂପ ଧାରଣ କରିଛି। କେତେକ ତଥାକଥିତ ଶିକ୍ଷିତ ସାହିତ୍ୟିକ, ରାଜନୀତିକ, ସ୍ୱାର୍ଥପ୍ରେମୀ ଶାସକୀୟ ଅନୁଗ୍ରହ ଆଶାୟୀ ପଦପ୍ରତିଷ୍ଠାଲୋଭୀ ଯେଉଁ ମାନଙ୍କ ପାଖରେ ଅନୁଚର ବଳ, ଅର୍ଥ ବଳ, ଖବରକାଗଜ /ଗଣମାଧ୍ୟମ ବଳ, ଛାପାଖାନା ବଳ, କ୍ଷମତା ବଳ, ଲାଇସେନ୍ସ ବଳ, (ଯାହାର ଅର୍ଥ ଅନୁମତିପ୍ରାପ୍ତ ଏବଂ ସ୍ୱତନ୍ତ୍ର କ୍ଷମତା ଦୁରୁପଯୋଗ) ପ୍ରକୃତ ଶବ୍ଦର ଅର୍ଥ ନ ବୁଝିବା ବଳ ଏବଂ ନିଜ ପ୍ରଚାର ଓ ପ୍ରସାର ପାଇଁ ଅନର୍ଥ ସୃଷ୍ଟି କରିବା ବଳ ପ୍ରବଳ ମାତ୍ରାରେ ରହିଛି ସେମାନେ ନିଜ ଅଜ୍ଞତା ଓ ଭୁଲ କୁ ବିଜ୍ଞତାର ମାପକାଠି ଭାବରେ ବ୍ୟବହାର କରୁଛନ୍ତି। ପ୍ରକୃତରେ ଅସ୍ମିତାର ମୌଳିକ ନକାରାତ୍ମକ ଭାବକୁ ସକାରାତ୍ମକ ଭାବରେ ଗ୍ରହଣ କରିବାକୁ ଆଗ୍ରହୀ ଓ ଯତ୍ନବାନ୍ ହୋଇଛନ୍ତି। ଅସ୍ମିତା ଶବ୍ଦର ଅର୍ଥ ଅହଙ୍କାରକୁ ଐଶ୍ୱରିକ ସ । ଭାବରେ ଗ୍ରହଣ କରି ପ୍ରଚାର ଓ ପ୍ରସାର କରୁଛନ୍ତି। ଅହଙ୍କାର ଏକ ଚି ବୃ ି। ଗୀତାରେ (୩/ ୨୭)ଅହଙ୍କାର ବିମୂଢ଼ାତ୍ମା ନିଜକୁ ସର୍ବମୟ କ ି। ବୋଲି ଭାବେ। ଅସ୍ମିତା ଶବ୍ଦର ବ୍ୟବହାର ତା' ବାଟରେ ମାତ୍ର ଅହଂ ଜ୍ଞାନ, ସୋହମ୍, ଅହଂ ବ୍ରହ୍ମାସ୍ମି, ତ ୍ୱମସି - -ଜୀବୋ ବ୍ରହ୍ମୈବ ନାପରଃ ପ୍ରଭୃତି ବେଦାନ୍ତ ସମ୍ବନ୍ଧୀୟ ବ୍ୟାଖ୍ୟା କରୁଛନ୍ତି। କୌଣସି ସଂସ୍କୃତ ବା ଓଡ଼ିଆ ଗ୍ରନ୍ଥରେ ଲେଖା ହୋଇନାହିଁ ଅସ୍ମିତାର ଅର୍ଥ ସେହି ବ୍ରହ୍ମ ହିଁ ମୁଁ । ମୁଁ ହିଁ ବ୍ରହ୍ମ ଅଟେ।ତୁମେ ହିଁ ବ୍ରହ୍ମ ଅଟ। ମୁଁ ସେହି ଜୀବ ହିଁ ପରମାତ୍ମା ବା ବ୍ରହ୍ମ। ଏହିପରି ଆତ୍ମଜ୍ଞାନକୁ ସର୍ବଜ୍ଞାନ ସତ୍ୟତା ର ମାପକାଠି ବୋଲି ବିଚାର କରିବା ଅନୁଚିତ। ଆମ ହାତରେ କ୍ଷମତା ଅଛି, କଲମ ଅଛି ଆମର ବହୁତ ସମର୍ଥକ ଅଛନ୍ତି ତେଣୁ ଅସ୍ମିତା ଅର୍ଥକୁ ଆମେ ଗୌରବ ବା ସ୍ୱାଭିମାନ ଅର୍ଥରେ ବ୍ୟବହାର କରିବାକୁ ପ୍ରତିଜ୍ଞାବଦ୍ଧ। ଆମର ଭାଷା ସାହିତ୍ୟ ସଂସ୍କୃତି ଯେଉଁ ଆଡ଼କୁ ଯାଉଛି ଯାଉ। ସିଗାରେଟ୍ ଖୋଳ ଉପରେ ଧୂମପାନ ସ୍ୱାସ୍ଥ୍ୟ ପାଇଁ ହାନିକାରକ ବୋଲି ନକାରାତ୍ମକ ବାଣୀ ଲେଖାଯାଇଛି ମାତ୍ର ସିଗାରେଟ୍ ଧୂଆଁକୁ ପିଇବାକୁ ସକାରାତ୍ମକ ଭାବରେ ଯୋଜନା ଅବିରତ ଚାଲୁ ରହିଛି। ଅସ୍ମିତା ଏକ ନକାରାତ୍ମକ ଶବ୍ଦ ଜାଣି ସୁଦ୍ଧା ସିଗାରେଟ୍ ଧୂଆଁକୁ ପାନ କରିବା ଯାହା ଅସ୍ମିତାକୁ ସକାରାତ୍ମକ ଚିନ୍ତାଧାରାରେ ବର୍ଣ୍ଣନା କରିବା ତାହା। ଶୁଣ୍ଡୀର ସାକ୍ଷୀ ମାତାଲ। ଗାଲୁଆଙ୍କର ବାରବାଟୀ ଚାଷ ପରି ଗଣତନ୍ତ୍ର ଯୁଗରେ ଗଣମତ ଗଣମାଧ୍ୟମ ପ୍ରଭାବରେ ପ୍ରକୃତ ଗୁଣ ବା ସତ୍ୟ (ଅସ୍ମିତା ର ରହସ୍ୟ) ଲୁଚି ଯାଉଛି। ଧର୍ମପଦ, ଗଣତନ୍ତ୍ରର ପ୍ରଭାବରେ ଅସ୍ମିତା ବିସର୍ଜନ କରି ଆତ୍ମବଳି ଦେଇଥିଲେ, ଆଉ କେହି ଦ୍ୱିତୀୟ କୋଣାର୍କ ଗଢ଼ିଲେଣି ବା ସେହିପରି ମନ୍ଦିର ଚୂଡ଼ା ସମ୍ପୂର୍ଣ୍ଣ କରିଛନ୍ତି ! ! ଆମ ପୂର୍ବପୁରୁଷ କୌଣାର୍କ ଗଢ଼ିଥିଲେ ତେଣୁଁ ଆମେ ସବୁଠୁଁ ବଢ଼ିଆ। ଏହି ଅସ୍ମିତା ହିଁ ଆମ ପତନର ମୁଖ୍ୟ କାରଣ। ମହାପ୍ରଭୁ ଜଗନ୍ନାଥଙ୍କୁ ଆମ ଗୌରବ ନାମରେ ଅସ୍ମିତାର ଉଦାହରଣ ସ୍ୱରୂପ ଉପସ୍ଥାପନ କରିବା ଚରମ ଅସ୍ମିତା ।

# ଫ୍ଲିପ୍‌କାର୍ଟର ବିଗ୍ ବିଲିୟନ ଡେଜ୍ ଅକ୍ଟୋବର ୧୬-୨୧ ତାରିଖ ପର୍ଯ୍ୟନ୍ତ

ଭୁବନେଶ୍ୱର: ଭାରତର ଘରୋଇ ଇକମର୍ସ ମାର୍କେଟ୍‌ପ୍ଲେସ୍ ଫ୍ଲିପ୍‌କାର୍ଟ ପକ୍ଷରୁ ଆଜି ଏହାର ଚଳିତ ବର୍ଷର ସର୍ବବୃହତ୍ ଫ୍ଲାସ୍‌ସିପ୍ ଇଭେଂଟ୍ ଦି ବିଗ୍ ବିଲିୟନ ଡେଜ୍‌ର ସମୟସୀମା ଘୋଷଣା କରାଯାଇଛି । ଯାହାକି ଆସନ୍ତା ଅକ୍ଟୋବର ୧୬ ରୁ ୨୧ ତାରିଖ ପର୍ଯ୍ୟନ୍ତ ବଳବତର ରହିବ । ଏହି ୬ ଦିନିଆ ବିଗ୍ ବିଲିୟନ ଡେଜ୍ ଇଭେଂଟ୍ ଦେଶବ୍ୟାପୀ ଏମ୍ଏସ୍ଏମ୍ଇ ଓ ସେଲର୍‌ମାନଙ୍କୁ ବିକାଶର ସୁଯୋଗ ପ୍ରଦାନ କରିବ । ଏଥିସହିତ ଏହା ଉଭୟ ପୁରୁଣା ଓ ନୂଆ ଗ୍ରାହକଙ୍କୁ ଉନ୍ନତ ମୂଲ୍ୟ ପ୍ରସ୍ତାବ ସହିତ ବ୍ୟାପକ ଶୃଙ୍ଖଳା ଉତ୍ପାଦର ଏକ ପ୍ରତିଶ୍ରୁତି ପ୍ରଦାନ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରିବ। ଦି ବିଗ୍ ବିଲିୟନ ଡେଜ୍ ୨୦୨୦ର ଘୋଷଣା କରି ଫ୍ଲିପ୍‌କାର୍ଟ ଗ୍ରୁପ୍‌ର ସିଇଓ କଲ୍ୟାଣ କ୍ରିଷ୍ଣମୂର୍ତ୍ତି କହିଛନ୍ତି, "ଦି ବିଗ୍ ବିଲିୟନ ଡେଜ୍ ବ୍ରାଣ୍ଡଗୁଡିକର ଉତ୍ସବ, ପୂର୍ବରୁ କେବେ ଦେଖିନଥିବା କଲେକ୍ସନର ସମ୍ମିଶ୍ରଣ, ପାର୍ବଣ ଓ ଆନନ୍ଦର ଏକ ଉତ୍ସାହ କାରଣ ପ୍ରତ୍ୟେକ ବ୍ୟକ୍ତି ନିଜର ପାର୍ବଣ ଋତୁ ପ୍ରସ୍ତୁତି ଆରମ୍ଭ କରିଥାନ୍ତି। ଏହି ଫେଷ୍ଟିଭ୍ ଇଭେଂଟ୍ ଉପଭୋକ୍ତାଙ୍କ ପାଇଁ ମୂଲ୍ୟ, ଏମ୍ଏସ୍ଏମ୍ଇ ଓ




ସେଲର୍‌ମାନଙ୍କ ବିକାଶ ପାଇଁ ସୁଯୋଗ ଓ ଇ- କମର୍ସ ମାଧ୍ୟମରେ ନିଯୁକ୍ତି ପ୍ରଦାନ କରିବା ନେଇ ଫ୍ଲିପ୍‌କାର୍ଟର ପ୍ରତିଶ୍ରୁତି ଉପରେ ଧ୍ୟାନ କେନ୍ଦ୍ରିତ କରିବ।" ଫ୍ଲିପ୍‌କାର୍ଟ ଭାରତର ଲୋକପ୍ରିୟ ସେଲିବ୍ରିଟି ଯେପରିକି ଅମିତାଭ ବଚ୍ଚନ, ବିରାଟକୋହଲି, ଆଲିୟା ଭଟ୍, ରଣବୀର କପୁର, ସୁଦୀପ କିଚ୍ଚା ଓ ମହେଶ ବାବୁଙ୍କ ସହିତ କାର୍ଯ୍ୟ କରୁଛି, ଯେଉଁମାନଙ୍କୁ ନୂତନ ଅବତାରରେ ଦେଖିବାକୁ ମିଳିବ, କାରଣ ସେମାନେ ଦି ବିଗ୍ ବିଲିୟନ ଡେଜ୍ ସେଲ୍ ସହିତ ନିୟୋଜିତ ହୋଇଛନ୍ତି। ଏହାବ୍ୟତୀତ ଉପଭୋକ୍ତାମାନେ ନେଭର୍-ବିଫୋର୍ ଡିଲ୍ ପାଇଁ ରିୱାର୍ଡ ପାସ୍ ଓ ଅତିରିକ୍ତ ସପିଙ୍ଗ୍ ପାଇଁ ୨୦୦୦ ପର୍ଯ୍ୟନ୍ତ ବୋନସ୍ କଏନ୍ ପାଇବା ଲାଗି ଏହି ପ୍ଲାଟ୍‌ଫର୍ମରେ ସପିଙ୍ଗ୍ କରୁଥିବାରୁ ସେମାନେ ନିଜ 'ସୁପର୍ କଏନ୍‌ଗୁଡିକୁ' ବ୍ୟବହାର କରିବାର ସୁଯୋଗ ପାଇବେ। ଚଳିତ ବର୍ଷର ଦି ବିଗ୍ ବିଲିୟନ ଡେଜ୍ ସେଲ୍ ପ୍ରତି ଘଂଟାରେ ବିଭିନ୍ନ ବର୍ଗରେ ଲକ୍ଷ ଲକ୍ଷ ସେଲର୍ ଓ ହଜାର ହଜାର ବ୍ରାଣ୍ଡ ଦ୍ୱାରା ଅଣାଯାଉଥିବା ଆକର୍ଷଣୀୟ ଅଫର୍‌ମାନ ପ୍ରଦାନ କରିବ। ଏଥିସହିତ ଫ୍ଲିପ୍‌କାର୍ଟ ପ୍ଲସ୍ ଉପଭୋକ୍ତାମାନେ ଅକ୍ଟୋବର ୧୫ ତାରିଖରେ ଏକ ଅର୍ଲି ଆକ୍‌ସେସ୍ ବା ଶୀଘ୍ର ପ୍ରବେଶ ସୁବିଧା ଉପଭୋଗ କରିପାରିବେ। ବିଗ୍ ବିଲିୟନଡେଜ୍ ସମୟରେ ସପିଙ୍ଗ କରୁଥିବା ଫ୍ଲିପ୍‌କାର୍ଟ ଉପଭୋକ୍ତା ନିଜର ଏସ୍‌ବିଆଇ ଡେବିଟ୍ ଓ କ୍ରେଡିଟ୍ କାର୍ଡ ମାଧ୍ୟମରେ ପେମେଂଟ୍ ସମୟରେ ୧୦%ର ଇନ୍‌ଷ୍ଟାଂଟ୍ ରିହରତି ପାଇବାକୁ ସକ୍ଷମ ହେବେ। ସେହିପରି ବଜାଜ୍ ଫିନ୍‌ସର୍ଭ ଇଏମ୍ଆଇ କାର୍ଡ ଓ ଅନ୍ୟାନ୍ୟ ପ୍ରମୁଖ ବ୍ୟାଙ୍କଗୁଡିକର କ୍ରେଡିଟ୍ ଓ ଡେବିଟ୍ କାର୍ଡରୁ ଅଫର୍ ମାଧ୍ୟମରେ ଉପଭୋକ୍ତାଙ୍କ ପାଇଁ ନୋ-କଷ୍ଟ ଇଏମ୍ଆଇ ସୁବିଧା ଉପଲବ୍ଧ କରାଯିବ। ବାଧାହୀନ ସପିଙ୍ଗ୍‌ର ପହଂଚକୁ ବ୍ୟାପକ କରିବା ଲାଗି ଫ୍ଲିପ୍‌କାର୍ଟ ପେଟିଏମ୍ ୱାଲେଟ୍ ଓ ପେଟିଏମ୍ ୟୁପିଆଇ ମାଧ୍ୟମରେ ପେମେଂଟ୍ କରୁଥିବା ଗ୍ରାହକଙ୍କ ପାଇଁ ନିଶ୍ଚିତ କ୍ୟାଶବ୍ୟାକ୍ ପ୍ରଦାନ କରିବା ଲାଗି ପେଟିଏମ୍ ସହିତ ସହଭାଗିତା କରିଛି। ନିର୍ଦ୍ଦିଷ୍ଟ କାର୍ଡଗୁଡିକ ଉପରେ (ଶୂନ ସର୍ବନିମ୍ନ ବାଲାନ୍ସ ସହିତ) ଡେବିଟ୍-କାର୍ଡ ଇଏମ୍ଆଇ ଓ ଫ୍ଲିପ୍‌କାର୍ଟ ପେ' ଲ୍ୟାଟର୍ ସୁବିଧା ପୂର୍ବ ଭଳି ଉପଭୋକ୍ତାଙ୍କ ପାଇଁ ଋଣ ପହଂଚ ପ୍ରଦାନ କରିବା ଜାରି ରଖିବ। ନିଜର ବର୍ତମାନର ସପ୍ଲାଇ ଚେନ୍ କ୍ଷମତାକୁ ମଜଭୁତ କରିବା ଲାଗି ଫ୍ଲିପ୍‌କାର୍ଟ ୫୦,୦୦୦ରୁ ଅଧିକ କିରାନାଙ୍କୁ ସାମିଲ କରିବା ପାଇଁ ଏହାର କିରାନା ଅନ୍‌ବୋର୍ଡିଙ୍ଗ୍ ପ୍ରୋଗ୍ରାମକୁ ସମ୍ପ୍ରସାରଣ କରିଥିଲା, ଯେଉଁମାନେ କି ୮୫୦ରୁ ଅଧିକ ସହରରେ ଉପଭୋକ୍ତାମାନଙ୍କ ପାଇଁ ଲାଷ୍ଟ-ମାଇଲ୍ ଡେଲିଭରି ସୁବିଧା ପ୍ରଦାନ କରିବେ। ଏହି ଅଭିଯାନ ମାଧ୍ୟମରେ ଦେଶବ୍ୟାପୀ ଉପଭୋକ୍ତାଙ୍କ ପାଇଁ ଇ-କମର୍ସ ଅଧିକ ବ୍ୟକ୍ତିଗତକରଣ ହୋଇପାରିବା ସହିତ ଏହାର କିରାନା ସହଯୋଗୀଙ୍କ ପାଇଁ ଅତିରିକ୍ତ ଆୟର ଉତ୍ସ ସୃଷ୍ଟି କରିପାରିବ।

# ରାତି ଅଧରେ ଢୁଢୁ ବର୍ଷାରେ ପାଟପୁର ମେଡିକାଲ ଛାତ ପଡୁଛି କାର୍ଯ୍ୟ ଅନିୟମିତତା

କାକଟପୁର,(ପି.ଏନ): ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଆଣିବା ପାଇଁ, ରାଜ୍ୟ ଓ କେନ୍ଦ୍ରସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ଗୃହ ନିର୍ମାଣ ପାଇଁ ଅର୍ଥ ଦେଉଛନ୍ତି ହେଲେ ଢୁଢୁ ବର୍ଷାରେ ଧେଇହୋଇ ଯାଉଛି ସେ ଅର୍ଥ। ଏପରି ଦେଖିବାକୁ ମିଳୁଛି ପୁରୀ ଜିଲ୍ଲା କାକଟପୁର ବ୍ଲକ ଅନ୍ତର୍ଗତ କୁଣ୍ଡେଇ ଗ୍ରାମପଞ୍ଚାୟତ ଅଧିନରେ ଥିବା ପାଟପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ବିଲଡିଙ୍ଗ ପାଇଁ ଟେଣ୍ଡର କରିଥିଲେ।ଇ ପି ଆଇ ଏଲ ତତ୍ତ୍ୱାବଧାନରେ ଗତ ପଞ୍ଚାୟତ ନିର୍ବାଚନ ପୂର୍ବରୁ ସଂପୃକ୍ତ ଠିକାଦାର ବିଲଡିଙ୍ଗର କାର୍ଯ୍ୟ ଆରମ୍ଭ କରିଥିଲେ। ନିମ୍ନମାନର ମେଣ୍ଟାଲ,ଚିପସ୍ ଓ ଲୁଣି ବାଲିରେ ଠିକାଦାର ରାଜନୈତିକ ପୃଷ୍ଠପୋଷକତାରେ ବିନା ଫଳକରେ କାର୍ଯ୍ୟ ଆରମ୍ଭ କରିଥିଲେ । ଯାହାଫଳରେ କାର୍ଯ୍ୟର ଅଟକଳ ମୂଲ୍ୟ ଜାଣିବା ସମ୍ଭବ ପର ହେଉନାହିଁ। ସ୍ଥାନୀୟ ଲୋକେ ଓ ବୁଦ୍ଧିଜୀବୀମାନେ ଯେତେ ବିରୋଧ କଲେ ମଧ୍ୟ ପ୍ରଶାସନ କି ଠିକାଦାର କୌଣସି କଥାକୁ ଗୁରୁତ୍ୱ ନ ଦେଇ କାର୍ଯ୍ୟ କରି ଚାଲିଥିଲେ। ଦୀର୍ଘ ଦିନ ଧରି କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ଚଳିତ ମାସ ୨୨ ଜୁଲାଇ ୨୪ତାରିଖ ଦିନ ପ୍ରବଳ ବର୍ଷା ପବନ ମଧ୍ୟରେ ରାତ୍ର ୧୦ଘଟିକା ପର୍ଯ୍ୟନ୍ତ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତିରେ ଲେବର କଂଟ୍ରାକ୍ଟର ଛାତ ପକାଉଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକଙ୍କ ବାରଣ ସତ୍ତ୍ୱେ ପ୍ରବଳ ବର୍ଷାରେ ପଲିଥିନ ନ ଥାଇ ସିମେଣ୍ଟ ଧୋଇ ଯାଉଥିଲେ ମଧ୍ୟ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ନିମ୍ନମାନର କାର୍ଯ୍ୟ କରାଯାଇଥିବା ଅଭିଯୋଗ ହୋଇଛି।

# ସାମସଙ୍ଗର ନୂଆ "ବ୍ୟାକ ଟୁ ବିଜ୍‌ନେସ୍ ସଲ୍ୟୁସନ"

ଭୁବନେଶ୍ୱର: ସାମସଙ୍ଗ ପକ୍ଷରୁ ରିଟେଲ ଓ କମର୍ସିଆଲ ସଂସ୍ଥାଗୁଡ଼ିକ ପାଇଁ "ବ୍ୟାକ୍ ଟୁ ବିଜନେସ" ସଲ୍ୟୁସନର ଶୁଭାରମ୍ଭ କରାଯାଇଛି । ଏହି ନୂତନ ସମାଧାନରେ ଆଉଟଡୋର ଡିସପ୍ଲେ ଓ ଭିଡିଓ କନଫରେନ୍ସିଙ୍ଗ ସମାଧାନ ଅନ୍ତର୍ଭୁକ୍ତ, ଯାହା ସାହାଯ୍ୟରେ ବ୍ୟବସାୟୀମାନେ ନିଜର ସ୍ୱାଭାବିକ କାର୍ଯ୍ୟକୁ ପୁଣିଥରେ ସୁରକ୍ଷିତ ଭାବରେ ଆରମ୍ଭ କରିପାରିବେ । ଏହା ସହିତ ସୁରକ୍ଷାତ୍ମକ ପଦକ୍ଷେପ ଗ୍ରହଣ କରାଯିବା ସହିତ କାର୍ଯ୍ୟ ସ୍ଥଳରେ ଦୂରେ ବସି କାର୍ଯ୍ୟ କରିବା ଆବଶ୍ୟକତାକୁ ପୂରଣ କରାଯାଇପାରିବ । ଏହି ନୂତନ ରେଂଜର ଆଉଟଡୋର ଡିସପ୍ଲେ ଓ ସାଇନେଜ ବୋର୍ଡକୁ ବ୍ୟବସାୟୀଙ୍କ ଦ୍ୱାରା ବ୍ୟବହାର କରାଯାଇପାରିବ । ଏହା ସହାୟତାରେ ଜନଗହଳି ଅନୁଧ୍ୟାନ, ଶରୀର ତାପମାତ୍ରା ଯାଂଚ ଓ ମାସ୍କ ଚିହ୍ନଟ ତଥା ସେହି ଦିନର ଅଫରକୁ ଓ କର୍ପୋରେଟ ମେସେଜକୁ ଉପସ୍ଥାପିତ କରାଯାଇପାରିବ । ଏହା ସାମାଜିକ ଦୂରତାର ସମସ୍ତ ନିୟମଗୁଡ଼ିକୁ ପାଳନ କରାଯାଉଛି ନା ନାହିଁ ତାହା ସୁନିଶ୍ଚିତ କରିଥାଏ । ବାଧାହୀନ ଅନ୍‌ଲାଇନ ବାର୍ତାଳାପ ଓ ଯେକୌଣସି ସ୍ଥାନରୁ ଦକ୍ଷତା ଓ ସହଜରେ କାର୍ଯ୍ୟ କରିବାକୁ ସୁନିଶ୍ଚିତ କରିବା ଲାଗି ମିଟିଙ୍ଗ ରୁମ ଏବଂ ଭିଡିଓ କନଫରେନ୍ସିଙ୍ଗ ସମାଧାନ ଯୋଗାଇଦେବା ପାଇଁ ସାମସଙ୍ଗ, ସିସ୍କୋ



ୱେବେକ୍ସ ଓ ଲଜିଟେକ୍ ସହିତ ହାତ ମିଳାଇଛି । ଏହା ସାହାଯ୍ୟରେ ଦୂରରେ ବସି କାମ କରିବାର ଆବଶ୍ୟକତାକୁ ଦେଖି ସାମସଙ୍ଗର ବେଜୋଡ଼ ଭିଜୁଆଲ ଡିସପ୍ଲେ ଏବଂ ଉନ୍ନତ ଭିଡିଓ କନଫରେନ୍ସିଙ୍ଗ କୁ ଏକତ୍ର ଅଣାଯାଇଛି । ଏହି ସହବନ୍ଧିତା ସିସ୍କୋ ୱେବେକ୍ସ ଏବଂ ଲଜିଟେକ୍ ଦ୍ୱାରା ପ୍ରସ୍ତୁତ ଭିଡିଓ କନଫରେନ୍ସିଙ୍ଗ ସମାଧାନଗୁଡ଼ିକର ବିସ୍ତୃତ ରେଂଜ ସହିତ ଡିଜିଟାଲ ସାଇନ୍ଏଜ୍ ଏବଂ ଡେସ୍କଟପ୍ ମନିଟର ସମେତ ଶିଳ୍ପର ସବୁଠାରୁ ବ୍ୟାପକ ଡିସପ୍ଲେ ଶୃଙ୍ଖଳକୁ ଏକତ୍ର ନେଇଆସିଛି । ସାମସଙ୍ଗର ୨୦୨୦ ଡିସପ୍ଲେ ଶୃଙ୍ଖଳର ସମ୍ପୂର୍ଣ୍ଣ ରେଞ୍ଜରେ ଏହି ସମାଧାନଗୁଡ଼କ ବ୍ୟବହାର କରାଯାଇପାରିବ। "ବର୍ତମାନ ସମୟରେ ପରିବର୍ତିତ ବ୍ୟବସାୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆମର ନୂତନ ସମାଧାନକୁ ଏଭଳି ଭାବରେ ଡିଜାଇନ କରାଯାଇଛି ଯାହା ଉତ୍ପାଦକତା ବୃଦ୍ଧି କରିବ, ସହଯୋଗ ବୃଦ୍ଧି କରିବା ସହିତ ବ୍ୟବସାୟ ପ୍ରତିଷ୍ଠାନ ଗୁଡ଼ିକୁ ସେମାନଙ୍କ ଗ୍ରାହକଙ୍କ ସହିତ ଉପଯୁକ୍ତ ସତର୍କତା ସହିତ ସଂଯୁକ୍ତ ହୋଇପାରିବେ" ବୋଲି ସାମସଙ୍ଗ ଇଣ୍ଡିଆର କଞ୍ଜ୍ୟୁମର ଇଲେକ୍ଟ୍ରୋନିକ୍ସ ଏଂଟରପ୍ରାଇଜ ବିଜନେସର ଉପାଧ୍ୟକ୍ଷ ଶ୍ରୀ ପୁନିତ ସେଠ କହିଛନ୍ତି ।




# ତଥାଗତ ବୁଦ୍ଧ : କରୁଣାର ଅବତାର

ପୁଣ୍ୟଭୂମି ଭାରତବର୍ଷରେ ଜ୍ଞାନ, କର୍ମ ଓ ଭକ୍ତିର ଉଜ୍ଜ୍ୱଳବର୍ତ୍ତିକା ଧରି ତଥାଗତ ବୁଦ୍ଧ ଖ୍ରୀଷ୍ଟପୂର୍ବ ୬୨୩ରେ ଆବିର୍ଭୁତ ହୋଇଥିଲେ। କପିଳବାସ୍ତୁର ରାଜସିଂହାସନ, ପିତା ରାଜା ଶୁଦ୍ଧୋଦନଙ୍କର ସକଳ ଆୟୋଜନ, ସ୍ତ୍ରୀ ଯଶୋଧାରା ଓ ସଦ୍ୟଜାତ ପୁତ୍ର ରାହୁଳର ଆକର୍ଷଣ ଓ ରାଜପୁତ୍ରର ସମସ୍ତ ସୌଭାଗ୍ୟକୁ ତୁଚ୍ଛ କରି ସେ ଯୌବନାବସ୍ଥାରେ ଗୃହତ୍ୟାଗ କରିଥିଲେ। ଗୈରିକ ବସ୍ତ୍ର ପରିଧାନ କରି, ଲଣ୍ଡିତ ମସ୍ତକ ଗୌତମ ରାଜଗୃହ, ଉରୁବେଲା, ରୁଦ୍ରକ ଆଶ୍ରମ, ଗୟାଶୀର୍ଷ ପର୍ବତ ନିକଟସ୍ଥ ନିରଞ୍ଜନା ନଦୀ କୂଳରେ ଥିବା ଉରବିଲ୍ୱ ଆଦି ସ୍ଥାନରେ କଠୋର ତପସ୍ୟା କରି ବୁଦ୍ଧତ୍ୱ ପ୍ରାପ୍ତି ହୋଇଥିଲେ। ତାଙ୍କର ସରଳ ସୁମଧୁର ଓ କଲ୍ୟାଣପ୍ରଦ ଉପଦେଶ ଅନେକଙ୍କ ଜୀବନକୁ ସଂଯତ ଓ ପରିବର୍ତ୍ତିତ କରିଥିଲା। ତାଙ୍କର ପ୍ରଥମ ଉପଦେଶ 'ଧର୍ମଚକ୍ର ପ୍ରବର୍ତ୍ତନ' ନାମରେ ଖ୍ୟାତ। ଯେଉଁଠାରେ ସେ ପ୍ରଥମେ ଧର୍ମଚକ୍ର ପ୍ରବର୍ତ୍ତନ କରିଥିଲେ, ତାହାର ବର୍ତ୍ତମାନ ନାମ ସାରନାଥ। ବାସ୍ତବରେ ତଥାଗତ ବୁଦ୍ଧ ଥିଲେ କରୁଣା ଓ ପ୍ରଶାନ୍ତିର ମୂର୍ତ୍ତିମନ୍ତ ପ୍ରତୀକ। ତାଙ୍କ ବାଣୀରେ ସେ 'ଜୀବ ମାତ୍ରେ ଦୟା' ପ୍ରଦର୍ଶନ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ତଥାଗତଙ୍କ ଶିଷ୍ୟ ଉପଗୁପ୍ତଙ୍କ ଠାରୁ ବୁଦ୍ଧଙ୍କର ଶାନ୍ତିବାଣୀ ଶୁଣି ଉତ୍କଳର ଦୟାନଦୀକୁ ଯୁଦ୍ଧରେ ରକ୍ତ ରଞ୍ଜିତ କରିଥିବା ମହାପରାକ୍ରମୀ ଚଣ୍ଡାଶୋକ ପରିବର୍ତ୍ତିତ ହୋଇ ଦେବାନାଂ ପ୍ରିୟ, ପ୍ରିୟଦର୍ଶୀ ଧର୍ମାଶୋକରେ ପରିଣତ ହୋଇଥିଲେ ଏବଂ ଲୋକ କଲ୍ୟାଣ କାର୍ଯ୍ୟରେ ଜୀବନର ଅବଶିଷ୍ଟ ସମୟ ଅତିବାହିତ କରିଥିଲେ। ପୁନଶ୍ଚ ବୁଦ୍ଧଙ୍କ ସମୟରେ ଅଙ୍ଗୁଳିମାଳ ସମସ୍ତ ଲୋକଙ୍କୁ ହତ୍ୟା କରିବାର ଏକ ପ୍ରତିଜ୍ଞା ନେଇ ଜଙ୍ଗଲ ପଥରେ ପ୍ରତିଦିନ ମଣିଷଙ୍କୁ ହତ୍ୟାକରି ଚାଲିଥିଲା। କେତେଜଣଙ୍କୁ ମାରିଲା, କିଛିଦିନ ପରେ ଭୁଲିଯିବାରୁ, ଏହାପରେ ଯେଉଁମାନଙ୍କୁ ହତ୍ୟା କଲା ତାଙ୍କର ଗୋଟିଏ ଗୋଟିଏ ଆଙ୍ଗୁଳି କାଟି ନିଜ ବେକରେ ହାର କରି ପିନ୍ଧିଲା। ତା ଭୟରେ ଲୋକମାନେ ଏକାକୀ ନଯାଇ ୩୦/୪୦ଜଣ ଏକାଠି ହୋଇ ବନ୍ୟପଥରେ ଯାତ୍ରା କରୁଥିଲେ। ବୁଦ୍ଧଦେବ ଶ୍ରୀବସ୍ତୀର ଜନତାଙ୍କ ମୁଖରୁ ଅଙ୍ଗୁଳିମାଳା କଥା ଶୁଣି ସେ ରହୁଥିବା ଜଙ୍ଗଲ ପଥରେ ସମସ୍ତଙ୍କ ବାରଣ ସତ୍ତ୍ୱେ ଏକାକୀ ଯାତ୍ରା କଲେ। ନିର୍ଭୟ ଚିତ୍ତରେ ଏକାକୀ ଜଣେ ଶ୍ରମଣ ଯାତ୍ରା କରୁଥିବା ଦେଖି ଅଙ୍ଗୁଳିମାଳା ତାଙ୍କ ପଶ୍ଚାତ୍‌ଧାବନ କଲା। କିନ୍ତୁ ସେ ଆଶ୍ଚର୍ଯ୍ୟ ହେଲା ଯେ ଏତେ କ୍ଷିପ୍ର ଗତିରେ ଚାଲିମଧ୍ୟ ସେ ବୁଦ୍ଧଙ୍କୁ ଧରିପାରୁନଥିଲା। କ୍ଳାନ୍ତ ହୋଇ ଗୋଟିଏ ସ୍ଥାନରେ ଛିଡ଼ା ହୋଇସେ ଉଚ୍ଚସ୍ୱରରେ କହିଲା - 'ସ୍ଥିର ହୁଅ ଶ୍ରମଣ'। ଉତ୍ତରରେ ବୁଦ୍ଧ କହିଲେ-ମୁଁ ସର୍ବଦା ସ୍ଥିର, ମାତ୍ର ଚଞ୍ଚଳତା ମଧ୍ୟରେ ତୁମେ ଗତି କରୁଅଛ। ଅତଏବ ତୁମେ ସ୍ଥିର ହୁଅ'। ଅଙ୍ଗୁଳିମାଳା କହିଲା - 'ଶ୍ରମଣ ! ତୁମେ ଗତି କରୁଅଛ ଏବଂ ମୁଁ ଏଠାରେ ଛିଡ଼ା ହୋଇଅଛି, ଏପରି ସ୍ଥଳେ ତୁମେ ସ୍ଥିର ଓ ମୁଁ ଅସ୍ଥିର ଏହା କିପରି କହୁଛ ?' ବୁଦ୍ଧ ଦେବ କହିଲେ- 'ଯାହାର ଇନ୍ଦ୍ରିୟ ଶାନ୍ତ, ଯେ ହିଂସାରହିତ, ଯେ ଅନୁଦ୍‌ବିଗ୍ନ ଓ ଯାହାର ମତି ସଂସାର ପ୍ରତି ଅନାସକ୍ତ, ସେ ସର୍ବଦା ସ୍ଥିର। ମାତ୍ର ତୁମର ଇନ୍ଦ୍ରିୟ ଅଶାନ୍ତ, ତୁମେ ନରହତ୍ୟା ରୂପକ ହିଂସାରେ ଜଡ଼ିତ ତୁମର ମତି ସର୍ବଦା ଉଦ୍‌ବିଗ୍ନ। ଅତଏବ୍ ତୁମେ ଅସ୍ଥିର।' ତଥାଗତ ବୁଦ୍ଧଙ୍କର ଏହି ବାଣୀ ଅଙ୍ଗୁଳିମାଳା ହୃଦୟରେ ଗଭୀର ଆଲୋଡ଼ନ ସୃଷ୍ଟି କଲା। ତାର ହୃଦୟ ବେଦନାରେ ଖଣ୍ଡ ବିଖଣ୍ଡିତ ହୋଇଗଲା। ନରହତ୍ୟା ରୂପୀ ପୂର୍ବାର୍ଜିତ ପାପ ପାଇଁ ତା ନେତ୍ରରୁ ଅନୁତାପର ଅଶ୍ରୁଧାର ଧାର ହୋଇ ଝରିବାକୁ ଲାଗିଲା। ତଥାଗତ ତାଙ୍କୁ କରୁଣାପୂର୍ଣ୍ଣ ନେତ୍ରରେ ଚାହିଁ ସତେ ଯେପରି ଅମୃତର ଆହ୍ୱାନ ଦେଉଥିଲେ। ଅଙ୍ଗୁଳିମାଳା ସମସ୍ତ ଅସ୍ତ୍ରଶସ୍ତ୍ର ତ୍ୟାଗ କରି ବୁଦ୍ଧଦେବଙ୍କର ପାଦଦ୍ୱୟକୁ ଜାବୁଡ଼ି ଧରିଲା ଓ ନିଜ ଚକ୍ଷୁରୁ ନିର୍ଗତ ଅଶ୍ରୁଜଳରେ ତାଙ୍କ ପାଦ ପ୍ରକ୍ଷାଳନ କରି ଶରଣ ଭିକ୍ଷା କଲା। ତଥାଗତ ଅଙ୍ଗୁଳିମାଳାକୁ ଉଠାଇନେଇ ଅତି ସ୍ନେହରେ ଆଲିଙ୍ଗନ କଲେ। କରୁଣାମୟ ବୁଦ୍ଧଙ୍କର ଗଭୀର ମମତ୍ୱଭରା କରୁଣା ଓ ମାର୍ଗଦର୍ଶନ ଅଙ୍ଗୁଳିମାଳାକୁ କଷାୟ ବସ୍ତ୍ର ପରିହିତ ବୌଦ୍ଧଭିକ୍ଷୁରେ ରୂପାନ୍ତରିତ କଲା ଏବଂ ଅପରପକ୍ଷରେ ତାକୁ ଅର୍ହତ ପଦର ଅଧିକାରୀ କରି ତା ଜୀବନକୁ ଧନ୍ୟ କରିଦେଲା।

ଯେଉଁ ଦେଶ ବୁଦ୍ଧଙ୍କ ତ୍ୟାଗରେ ମହିମାନ୍ୱିତ ଏବଂ ତାଙ୍କର ଜୀବେ ଦୟା ଭାବରେ ସିକ୍ତ, ସେହି ଦେଶରେ ଆଜି ହିଂସା, ପ୍ରତିହିଂସା ତାର ଅନେକ ଅଧିବାସୀଙ୍କର ହୃଦୟକୁ ନିଷ୍ଠୁର, ନିର୍ଦ୍ଦୟ ଓ ନିଷ୍କରୁଣାର ଖାଁ ଖାଁ ତପ୍ତ ମରୁବାଲିରେ ପରିଣତ କରିଛି। ବିଭତ୍ସତାରୂପୀ ଘୋର ବୈଶାଖୀର ରୁଦ୍ରତା ତା' ହୃଦୟକୁ ଶ୍ମଶାନ ଓ ବଧଭୂମିର ଦାନବତାରେ କଦାକାର କରିଛି। କରୁଣାର ଅଶ୍ରୁ ଅବଲୁପ୍ତ ହୋଇଛି। ମାରିବି ମରିବିର ଭ୍ରାନ୍ତ ପ୍ରତିଜ୍ଞା ଆଜିର ସମାଜରେ ନୂଆ ନୂଆ ଅନେକ ଅଙ୍ଗୁଳିମାଳାଙ୍କ ଉପସ୍ଥିତିର ଅନୁଭବ ଦେଉଛି। ବସୁଧୈବ କୁଟୁମ୍ବକମ୍। ଏ ପୃଥିବୀର ସମସ୍ତ ମଣିଷ ଆମର ଭାଇବନ୍ଧୁ କୁଟୁମ୍ବ। ତଥାଗତ ବୁଦ୍ଧଙ୍କର କରୁଣା ଭାବ ଏବଂ ଜୀବେ ଦୟା ସମସ୍ତଙ୍କ ହୃଦୟକୁ ଅହିଂସକ କରି ବାସ୍ତବ ଶାନ୍ତି ଦେଉ। କେହି କାହାକୁ ହତ୍ୟା ନକରୁ। ଯେ କୌଣସି କାରଣ ପାଇଁ ହେଉ ହତ୍ୟାକାରୀଟି ବାସ୍ତବରେ ଦୁଃଖ ମଣିଷଟିଏ। ଅଶାନ୍ତ ଆତ୍ମାଟିଏ। ସେ ଆମର ଆତ୍ମୀୟ। ତା ହୃଦୟରେ କରୁଣାପ୍ରାଣ ବୁଦ୍ଧ ବି ହସି ଉଠିପାରିବେ। ଯାହାଦ୍ୱାରା ସେ ଶାନ୍ତି ଅନୁଭବ କରିବା ସହ, ତା ଆଖିରୁ ପ୍ରେମର ଅଶ୍ରୁ ମଧ୍ୟ ନିର୍ଗତ ହୋଇପାରିବ-ଅନ୍ୟ ମଣିଷ ଆତ୍ମୀୟଟି ପାଇଁ। ଏଥିପାଇଁ ଖ୍ରୀଷ୍ଟପୂର୍ବ ୫୪୩ରେ କୁଶିନାରାର ପାବା ନାମକ ସ୍ଥାନରେ ବିସ୍ତୀର୍ଣ୍ଣ ଶାଳବଣ ମଧ୍ୟରେ ଅଶୀବର୍ଷ ବୟସରେ ବୈଶାଖ ପୂର୍ଣ୍ଣିମାର ଶାନ୍ତ ସ୍ନିଗ୍ଧ, ଜ୍ୟୋତ୍ସ୍ନାସ୍ନାତ ରଜନୀରେ ନିର୍ବାଣ ପ୍ରାପ୍ତ ହୋଇ ଦେହ ତ୍ୟାଗ କରିଥିବା ପରମ କାରୁଣିକ କରୁଣାପ୍ରାଣ ତଥାଗତ ବୁଦ୍ଧ ଆଜି ଆମ୍ଭମାନଙ୍କର ପରମ ବନ୍ଦନୀୟ ଓ ଅନୁସରଣୀୟ।

# ନେତାଜୀଙ୍କ ଶେଷକଥା



୧୯୪୫ ମସିହା ଅଗଷ୍ଟ ୧୮ରେ ଭାରତର ସ୍ୱାଧୀନତା ସଂଗ୍ରାମର ବୀର ମହାପୁରୁଷ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ତାଇୱାନ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ଏହି ଦୁର୍ଘଟଣାର କେତେକ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନକୁ ଆଧାର କରି ବ୍ରିଟେନ ଏକ ୱେବ୍‌ସାଇଟ୍ ତଥ୍ୟ ପ୍ରକାଶ କରିଛି। ଏହି ୱେବ୍‌ସାଇଟ୍‌ଟି ନେତାଜୀଙ୍କ ଅନ୍ତିମ ସମୟର କେତେକ ଘଟଣାବଳୀ ସମ୍ପର୍କିତ ତଥ୍ୟକୁ ଆଧାର କରି ତିଆରି କରାଯାଇଛି। ଉକ୍ତ ଘଟଣା ସହ ସମ୍ପର୍କ ଥିବା କେତେକ ବ୍ୟକ୍ତିବିଶେଷଙ୍କ ବୟାନ, ଦୁର୍ଘଟଣା ସମ୍ପର୍କିତ ତଥ୍ୟ ସଂଗ୍ରହ କରିବା ଲାଗି ଘଟଣାସ୍ଥଳ ପରିଦର୍ଶନ କରିଥିବା ତଥ୍ୟର ଦୁଇଟି ଗୁଇନ୍ଦା ରିପୋର୍ଟକୁ ଆଧାର କରି ଏହି ରିପୋର୍ଟ ପ୍ରକାଶ କରିଛି।

୧୯୫୬ରେ ଭାରତ ସରକାରଙ୍କ ଦ୍ୱାରା ଗଠନ କରାଯାଇଥିବା ନେତାଜୀ ଇନ୍‌କ୍ୱାରୀ କମିଟି ରିପୋର୍ଟକୁ ଆଧାର କରି ୱେବ୍‌ସାଇଟ୍‌ରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ନେତାଜୀ ଏବଂ ୧୨ରୁ ୧୩ ଅନ୍ୟ ସଦସ୍ୟଙ୍କୁ ନେଇ ଜାପାନର ଏୟାରଫୋର୍ସ କୋମାର ବିମାନ ୧୯୪୫ ଅଗଷ୍ଟ ୧୮ରେ ଭିଏତ୍‌ନାମାର ଟୋରେନ୍ସରୁ ଯାତ୍ରା ଆରମ୍ଭ କରିଥିଲା। ଏଥିରେ ନେତାଜୀଙ୍କ ସହ ଜାପାନ ସେନାବାହିନୀର ଲ୍ୟୁଟନା ଜେନେରାଲ ସୁନାମାସା ଶିଦେଇ (Sunamasa Sidei) ମଧ୍ୟ ଉପସ୍ଥିତ ଥିଲେ। ପାଗ ଭଲ ଥିବାରୁ ଏବଂ ବିମାନ ଅବସ୍ଥା ମଧ୍ୟ ଠିକ୍ ଥିବାରୁ ବିମାନଟି ହୋଇତୋ ଉପର ଦେଇ ଅଗଷ୍ଟ ୧୮ରେ ତେଇପେଇ ପହ ୍ବ ବୋଲି ପାଇଲଟ ସୂଚନା ଦେଇଥିଲେ। ବିମାନରେ ଯାତ୍ରା କରୁଥିବା ଜାପାନର ଏୟାରଷ୍ଟାଫ୍ ଅଫିସର ମେଜର ଟାରୋ କାନୋ (Taro Cano) ଉକ୍ତ କମିଟିକୁ ଜଣାଇଥିଲେ ଯେ, ବିମାନର ବାମ ପାର୍ଶ୍ୱର ଇଞ୍ଜିନ ଠିକ୍ ଭାବେ କାମ କରୁନଥିବା ଲକ୍ଷ୍ୟ କରିଥିଲେ। ଏହାପରେ ସେ ଯା କରିଥିଲେ ଏବଂ ଠିକ୍ ଥିବା ଜାଣିବାକୁ ପାଇଥିଲେ। ତାଙ୍କ ସହ ଥିବା ଇଞ୍ଜିନିୟର ମଧ୍ୟ ଏହାକୁ ଯା କରିଥିଲେ। ତେବେ ବିମାନଟି ରନ୍‌ୱେରେ ଉଡ଼ିବା ଆରମ୍ଭ କରିବା କ୍ଷଣି ସେଥିରେ ଏକ ବିସ୍ଫୋରଣ ଶୁଣିବାକୁ ମିଳିଥିଲା। ତୋପ ମାଡ଼ ହେବା ଭଳି ଶବ୍ଦ ଶୁଣିବାକୁ ମିଳିଥିଲା। ଏହାପରେ ବିମାନଟି ବାମପାର୍ଶ୍ୱକୁ ଢଳି ଯାଇଥିବା ରନ୍‌ୱେରେ ଥିବା ଇଞ୍ଜିନିୟର କ୍ୟାପ୍‌ନେଟ ନକମୁରା ପ୍ରକାଶ କରିଥିଲେ। ଏହି ସମୟରେ ବିମାନଟି ମାତ୍ର ୩୦ରୁ ୪୦ ମିଟର ଉପରେ ଉଡୁଥିଲା। ରନ୍‌ୱେର ମାତ୍ର ୧୦୦ ମିଟର ଦୂରରେ ବିମାନଟି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ବିମାନର ସମ୍ମୁଖ ଭାଗରେ ଅଗ୍ନି ସଂଯୋଗ ହୋଇଯାଇଥିଲା। ତେବେ ବିମାନର ମୁଖ୍ୟ ପ୍ରବେଶ ପଥ ଦେଇ ଆମେ ବାହାରି ପାରିବା ନାହିଁ ଏବଂ ପଛପଟ ଦେଇ ବାହାରିବା ବୋଲି ତାଙ୍କ ସହ ଯାତ୍ରା କରୁଥିବା ଜେନେରାଲ ରହମାନଙ୍କୁ ନେତାଜୀ କହିଥିଲେ। ଏହାପରେ ରହମାନ ନେତାଜୀଙ୍କୁ ବିମାନ ଭିତରୁ ବାହାର କରିଥିଲେ। ତାଙ୍କ ମୁଣ୍ଡର ବାମପାର୍ଶ୍ୱରେ ଗଭୀର କ୍ଷତ ହୋଇଥିଲା। ନିଆଁରେ ତାଙ୍କ ମୁହଁ ମଧ୍ୟ ଆଂଶିକ ଭାବେ ପୋଡ଼ି ଯାଇଥିଲା। ଶରୀରରେ ଥିବା ପୋଷାକ ମଧ୍ୟ ପୋଡ଼ି ଯାଇଥିଲା। ତମକୁ ଅଧିକ କ୍ଷତି ହୋଇନାହିଁ ତ ବୋଲି ନେତାଜୀ ଏହି ସମୟରେ ତାଙ୍କ ଉ ର ଦେଇଥିଲେ। କିନ୍ତୁ ନେଜାତୀ ମୁଁ ଆଉ ବ ୍ବିନି ବୋଲି ପ୍ରକାଶ କରିଥିଲେ। ନେତାଜୀ କହିଥିଲେ ଯେ, ଯେତେବେଳେ ଭାରତକୁ ଫେରିବ ନେତାଜୀ ଶେଷ ମୁହୂ ୍ଯାଏ ଭାରତର ସ୍ୱାଧୀନତା ଲାଗି ସଂଗ୍ରାମ ଜାରି ରଖିଥିଲେ ବୋଲି ମୋ ଦେଶର ଭାଇଭଉଣୀମାନଙ୍କୁ ଜଣାଇବ। ସେମାନେ ସ୍ୱାଧୀନତା ସଂଗ୍ରାମକୁ ଜାରି ରଖିଥିବେ। ହିନ୍ଦୁସ୍ତାନ ନିଶ୍ଚୟ ସ୍ୱାଧୀନ ହେବ। 'ତାକୁ କେହି ଭୃତ୍ୟ କରି କରି ରଖିପାରିବେ ନାହିଁ'। ଏହା ଥିଲା ନେତାଜୀଙ୍କ ଶେଷକଥା ବୋଲି ରହମାନ ଉକ୍ତ କମିଟିକୁ କହିଥିଲେ।

ଉକ୍ତ ବିମାନରେ ଯାତ୍ରା କରିଥିବା ଲ୍ୟୁଟନା କଲୋନେଲ ଶିରୋ ନୋନୋଗାକି କହିଥିଲେ ଯେ, ବିମାନର ବାମ ୱିଙ୍ଗସ୍ ନିକଟରେ ଛିଡ଼ା ହୋଇଥିଲେ ତାଙ୍କ ପୋଷାକ ପୋଡ଼ି ଯାଇଥିଲା ଏବଂ ରହମାନ ତାଙ୍କ କୋର୍ଟ ସାହାଯ୍ୟରେ ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ଦୁର୍ଘଟଣାର ୧୧ ବର୍ଷ ପରେ ପ୍ରତ୍ୟକ୍ଷଦର୍ଶୀ କଲୋନେଲ ରହମାନ (ନୋନୋଗାକି - Nonogaki) ତାକାହାସି ଏବଂ ନକମୁରା ଦେଇଥିବା ବୟାନରେ କିଛିଟା ପାର୍ଥକ୍ୟ ଥିଲେ ସୁଦ୍ଧା ସମସ୍ତ ଉକ୍ତିରୁ ଗୋଟିଏ କଥା ସ୍ପଷ୍ଟ ହୋଇଥିଲା ଯେ, ଦୁର୍ଘଟଣାରେ ନେତାଜୀଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଦୁର୍ଘଟଣା ପରେ ତାଙ୍କୁ ନିକଟସ୍ଥ ନାନ୍‌ମୋନ୍ ସେନା ଡ଼ାକ୍ତରଖାନାରେ ଗୁରୁତର ଅବସ୍ଥାରେ ଭ ୍ କରାଯାଇଥିଲା। ତେବେ, ନେତାଜୀଙ୍କର ଦେଶପ୍ରେମର ଆଦର୍ଶ ଥିଲା ଭିନ୍ନ। ସେ ସୁଦୂରଦର୍ଶୀ ଭାବରେ ଜାଣିଥିଲେ ଇଂରେଜମାନଙ୍କୁ ପରାସ୍ତ କରି ହଟାଇବା ପାଇଁ (ହିଁ ସାର) ମାର୍ଗ ହିଁ ଆପଣେଇବା ପାଇଁ ବାଧ। ଅହିଂସାର ମାର୍ଗଦର୍ଶନରେ ସଂଗ୍ରାମୀମାନେ ବ୍ରିଟିଶମାନଙ୍କ ହାତରେ ବଳି ପଡ଼ିଯାଉଛନ୍ତି। କେତେଯେ, ନିରୀହ ସ୍ୱାଧୀନତାସ ସଂଗ୍ରାମୀ ଏହି ଆନ୍ଦୋଳନର ଝାସ ଦେଲେଣି ତା'ର ହିସାବ ଗାନ୍ଧିଜୀ ଦେଇପାରିବେ କି ?ବୋଲି ଥରେ ଗାନ୍ଧୀଙ୍କୁ ପଚାରିଥିଲେ। ମୁଁ ଏହାକୁ ହୃଦୟତାର ସହ କୌଣସି ପ୍ରକାରେ ବରଦାସ୍ତ କରିପାରିବି ନାହିଁ। ଆମକୁ ଯେଶାକୁ ତେସା ନୀତିରେ ଲଢେଇ କରିବାକୁ ହିଁ ପଡ଼ିବ। ଇଂରେଜମାନେ ଜାଣିଥିଲେ ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣୀତ ଭାରତୀୟ ମାନଙ୍କୁ ସହଜରେ ପରାସ୍ତ କରି ନିୟନ୍ତ୍ରଣ କରାଯାଇ ପାରିବ। ଆମେ ନିରୀହ, ସରଳ, ଆମେ ଶାନ୍ତିପ୍ରିୟ ଅହିଂସାର ବା ୍। ପ୍ରଚାର କରୁଥିବା ବେଳେ ହଜାର ହଜାର ନିରୀହ ସ୍ୱାଧୀନତା ସଂଗ୍ରାମୀମାନେ ବ୍ରିଟିଶରଙ୍କ ଗୁଳିରେ ପ୍ରାଣ ହରାଇଥିଲେ। ସତ୍ୟଯୁଗରେ ମଧ୍ୟ ମହାଭାରତରେ ଅହିଂସାର ନିର୍ଦ୍ଦେଶନ ପ୍ରତିଫଳିତ ହୋଇଥିବା ବେଳେ ଆବଶ୍ୟକସ୍ଥଳେ ହିଂସାର ରୂପ ନେବା ପାଇଁ ଆମକୁ ଦିଗ୍‌ଦର୍ଶନ ଦଇେଛି। ଯାହା ସମସ୍ତ ବିଶ୍ୱକୁ ଚକିତ କରିଥିଲା। ତେଣୁ, ଆଜି ସେହି ସଂଗ୍ରାମୀ ମହାପୁରୁଷଙ୍କର ମହ ୍ ଉପଦେଶକୁ ନିଶ୍ଚିତ ରୂପେ ଆଜିର ପବିତ୍ର ଦିବସରେ ଭାରତୀୟମାନଙ୍କୁ ସ୍ମରଣ କରିବାର ଯଥାର୍ଥତା ଜରୁରୀ। ନେତାଜୀଙ୍କର ସେହି ଚେତନାଶୀଳ ଭାବନାର ଉ ର ବାସ୍ତବରେ ପ୍ରତିଫଳନ ରୂପାନ୍ତରିତ ହୋଇଥିଲା କି ନାହିଁ ତାହା ମୁଁ ଆଜି ଭାରତୀୟମାନଙ୍କୁ ପଚାରିବା ପାଇଁ ଚାହେଁ। ନେତାଜୀଙ୍କ ଆଦର୍ଶକୁ ଆଜି ଆମ୍ଭେ ଭୁଲିଯାଇ ସ୍ୱାଧୀନ ଦେଶର ଏକ ଶାନ୍ତିପ୍ରିୟ ରାଷ୍ଟ୍ରର ମାନ୍ୟତା ପାଇଥିବାରୁ ଏହାକୁ ଦୁର୍ବଳ ମନେ କରି ସ୍ୱାଧୀନ ଦେଶର ନାଗରିକ ହୋଇଥିଲେ ମଧ୍ୟ ପଡ଼ୋଶୀ ଦେଶ ଭାବରେ ଆମଠାରୁ ଜନ୍ମ ନେଇ ପାକିସ୍ତାନ ଓ ଚୀନ୍ ଆମକୁ ଶାନ୍ତିପ୍ରିୟ ଭାବରେ ରହିବା ପାଇଁ ଚାହୁଁନାହାଁନ୍ତି। ଏହି ପରିପ୍ରେକ୍ଷୀରେ ନେତାଜୀ ସେତେବେଳେ ଯଦି ଥାଆନ୍ତେ, ଭାରତକୁ ଖଣ୍ଡବିଖଣ୍ଡିତ କିରବାର ଆସ୍ଫାଳନ ବିଫଳ ହୋଇଥାନ୍ତା ନିଶ୍ଚୟ। ତେଣୁ, ହେ ମହାପୁରୁଷ, କେଉଁଠାରେ ଅଛ ? ଖୋଜୁଛି ତୁମକୁ ଏଇ ଭାରତବର୍ଷ। ତୁମେ କହିଥିଲ, ମୋତେ ରକ୍ତ ଦିଅ ଭୁଲିଯିବ ନାହିଁ ଏଇ ମଣିଷ ଯେଉଁଠି ବ ୍ବେ, ଯେଉଁଠାରେ ଥାଅ ଭାରତମାତାକୁ ଆଶୀର୍ବାଦ ଦିଅ। ସର୍ବଶେଷରେ, ଆଜି ତାଙ୍କର ପୂଣ୍ୟତିଥି ଜୟନ୍ତୀ ଅବସରରେ ମୁଁ ଜଣେ ଆନ୍ତରିକତାର ସହିତ ଗର୍ବିତ ଭାରତୀୟ ଭାବେ ତାଙ୍କର ନୀତି, ଆଦର୍ଶ, ନୈତିକତା, ଜଳାଞ୍ଜଳି, ଚିନ୍ତାଧାରାକୁ ଅନୁସରଣ, ଅନୁକରଣ କରିବାର ସମୟ ଉପନୀତ ହୋଇଥିବାରୁ ତାଙ୍କର ହୃଦୟକୁ, ସହୃଦୟତାର ସହିତ ସସମ୍ମାନ ଜଣାଇ ଭକ୍ତିଭୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ଜୟହିନ୍ଦ, ଜୟ ନେତାଜୀ, ଜୟ ଭାରତମାତା।

## 'ସେ ପରା ଶ୍ରୀଜଗନ୍ନାଥ', 'ଅନନ୍ୟ ଶ୍ରୀଜଗନ୍ନାଥ' ଓ 'ପାରି କର ଜଗନ୍ନାଥ' ପୁସ୍ତକ ଲୋକାର୍ପିତ

ଖୋର୍ଦ୍ଧା (ପିଏନ୍): ଲୋକପ୍ରିୟ କବି ପ୍ରକୃତିବଂଧୁ ରାଜକିଶୋର ପାଣିଗ୍ରାହୀଙ୍କ ରଚିତ ଶ୍ରୀ ଜଗନ୍ନାଥଙ୍କ ସମ୍ବନ୍ଧୀୟ ୩ଟି କବିତା ପୁସ୍ତକ 'ସେ ପରା ଶ୍ରୀଜଗନ୍ନାଥ', 'ଅନନ୍ୟ ଶ୍ରୀଜଗନ୍ନାଥ' ଓ 'ପାରି କର ଜଗନ୍ନାଥ' ମିଳିତ ସାହିତ୍ୟ ସଂସଦ ଆନୁକୁଲ୍ୟରେ କଂଟାବାଡ଼ ଶ୍ରୀ ବାଲୁଙ୍କେଶ୍ୱର ଦେବ ମନ୍ଦିର ପରିସରରେ ଲୋକାର୍ପିତ ହୋଇଯାଇଛି। ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାହିତ୍ୟିକା, ପ୍ରବଚିକା ଡ. ପ୍ରତିଭା ମହାରଥୀ ଯୋଗଦେଇ ଶ୍ରୀ ଜଗନ୍ନାଥଙ୍କ ଅଲୌକିକତା ସଂପର୍କରେ ତାତ୍ତ୍ୱିକ ଆଲୋଚନା କରି ପୁସ୍ତକଗୁଡ଼ିକ ଜନପ୍ରିୟତା ଲାଭ କରିବ ବୋଲି ଆଶାପୋଷଣ କରିଥିଲେ। ମୁଖ୍ୟବକ୍ତା ଅଧ୍ୟାପକ ଡ. ଗୁରୁପ୍ରସାଦ ମହାପାତ୍ର ଧାର୍ମିକ ବିଚାରଧାରା ମଣିଷ ଜୀବନକୁ ସନ୍ତୁଳିତ କରିଥାଏ ବୋଲି ମତ ଦେଇଥିଲେ। ସମ୍ମାନିତ ଅତିଥି ପଣ୍ଡିତ ନୀରଦ ଚନ୍ଦ୍ର ଆଚାର୍ଯ୍ୟ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ ଯେ, ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ବିଭିନ୍ନ ରୂପରେ, ବିଭିନ୍ନ ତତ୍ୱରେ ବିଦ୍ୟମାନ। ପୁସ୍ତକର ଲେଖକ ଶ୍ରୀ ପାଣିଗ୍ରାହୀ ଆବେଗଭରା ଭାଷାରେ ନିଜର କୃତଜ୍ଞତା ଜଣାଇଥିଲେ। ମହାବାହୁଙ୍କ ଆଶୀର୍ବାଦ ଓ ଦୟା ନଥିଲେ ଗୀତି କବିତାଗୁଡ଼ିକୁ ରଚନା କରିବା ସଭଂବ ହୋଇପାରିନଥାନ୍ତା ବୋଲି ସେ କହିଥିଲେ। ସଭାପତି ଶ୍ରୀ ବଳିଆରସିଂହ କହିଥିଲେ ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭାଷା ହେଉଛି ଓଡ଼ିଆ। ସେହି ଓଡ଼ିଆ ଭାଷାକୁ ବଂଚାଇ ରଖିବା ପାଇଁ ରାଜକିଶୋର ପାଣିଗ୍ରାହୀ ପ୍ରୟାସ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କାର୍ତିକେୟ ପାଣିଗ୍ରାହୀ ଅତିଥି ପରିଚୟ, ଗାୟକ ଭାଷାରତ୍ନ ଖଗେଶ୍ୱର ମାର୍ଥା ମଂଗଳାଚରଣ, ଚକ୍ରଧର ମହାପାତ୍ର ଓ ଚକ୍ରଧର ଦେବତା ପାଲା ଏବଂ ରମେଶ ଚନ୍ଦ୍ର ମହାପାତ୍ର ଭଜନ ପରିବେଷଣ କରିଥିଲେ। ପୁସ୍ତକର ମଲାଟ ଓ ଅକ୍ଷର ସଜ୍ଜା କରିଥିବା ଦିଲୀପ ପାଣିଗ୍ରାହୀ, ମାନସ ରଂଜନ ଦାଶ ଓ ଶ୍ରୀ ବାଲୁଙ୍କେଶ୍ୱର ମନ୍ଦିରର ପୂଜକ କାଇନାଥ ମହାପାତ୍ରଙ୍କୁ ସମ୍ବର୍ଧିତ କରାଯାଇଥିଲା। କବି ଅଖିଳେଶ ମହାପାତ୍ରଙ୍କ ସଂଯୋଜିତ ଏକପଦୀ କବିତା ପାଠୋତ୍ସବରେ ବୈଷ୍ଣବ କବି ରବି ଦାସ, ଡ. ଶରତ କୁମାର ଚଉଁରୀ, ନରୋତମ ବେହେରା, ବାସନ୍ତୀ ସାହୁ, ବଂଶୀଧର ପଣ୍ଡା, ଗଙ୍ଗାଧର ଓଝା, ସବିତା ପଣ୍ଡା, ବିନୋଦ ରାଉତରାୟ, ନାରାୟଣ ଶୁକ୍ଳା, ରାଧାମଣି ମହାପାତ୍ର, ପ୍ରତିମା ପ୍ରଧାନ, କ୍ଷେତ୍ରବାସୀ ମଲ୍ଲିକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସର୍ବଶ୍ରୀ ଶ୍ରୀକାନ୍ତ ବାହିନୀପତି, ଚକ୍ରଧର ପଣ୍ଡା, ନିରଂଜନ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶିକ୍ଷୟିତ୍ରୀ ସୁଜାତା ସାହୁ ଓ ଝୁନୁବାଳା ପୃଷ୍ଟି ଅଭ୍ୟର୍ଥନା ଦାୟିତ୍ୱରେ ଥିଲେ। ସୁବାସ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟ ରେଡକ୍ରସ ତରଫରୁ ଜିଲ୍ଲା ଶାଖା କମିଟିକୁ କିଟ୍ସ ପ୍ରଦାନ

ବାଲେଶ୍ୱର (ପିଏନ୍)- କରୋନା ମହାମାରୀ ଓମିକ୍ରନ ଏବଂ ସମ୍ଭାବ୍ୟ ଡେଲଟାକନ୍‌କୁ ମୁକାବିଲା କରିବା ନିମନ୍ତେ ସମସ୍ତ ବିପର୍ଯ୍ୟୟରେ ଉପସ୍ଥିତ ରହି ପରିସ୍ଥିତିକୁ ସାମ୍ନା କରିବା ଭଳି ସଚେତନତା ସୃଷ୍ଟି କରୁଥିବା ରେଡକ୍ରସ ସ୍ୱେଚ୍ଛାସେବୀ ମାନେ ଜନସାଧାରଣ ସଚେତନ ନିମନ୍ତେ ଭାରତୀୟ ରେଡକ୍ରସ ସୋସାଇଟି ରାଜ୍ୟଶାଖାର ଅବୈତନିକ ସଂପାଦିକା ମିସ୍ ସି ଟି ଏମ ସୁଗୁନାଙ୍କ ନିର୍ଦ୍ଦେଶମତେ ରେଡକ୍ରସ ରାଜ୍ୟ ବିପର୍ଯ୍ୟୟ ପ୍ରଶାସନ ସଂଯୋଜକ ଅକ୍ଷୟକୁମାର ଦାସ ଏବଂ ସହଯୋଗୀମାନେ ଜିଲ୍ଲା କମିଟିକୁ ଏକ ହଜାର କିଟ୍ସ ପ୍ରଦାନ କରିଛନ୍ତି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶମତେ ବ୍ଲକ ଓ ତହସିଲ ପ୍ରଶାସନଙ୍କ ସହଯୋଗରେ ସଚେତନତା କ୍ୟାମ୍ପ କରି ସମସ୍ତ ବ୍ଲକରେ ରେଡକ୍ରସ ସଦସ୍ୟ ମାନଙ୍କ ଦ୍ୱାରା ଏକ ହଜାର କିଟ୍ସଗୁଡ଼ିକ ସମାନୁପାତିକ ବ ନ କରାଯିବ ବୋଲି କାର୍ଯ୍ୟକରୀ ସଂପାଦକ ଶ୍ରୀ ରାଉତ ପ୍ରକାଶ କରିଛନ୍ତି।

## ଢିଙ୍କିଆରୁ ପୋଲିସ ପ୍ରତ୍ୟାହାର ପାଇଁ ମିଳିତ ରାଜନୈତିକ ଦଳମାନଙ୍କ ବୈଠକରେ ଦାବି

ଭୁବନେଶ୍ୱର (ପିଏନ୍)–ଜଗତ୍‌ସିଂହପୁର ଜିଲ୍ଲାର ଢିଙ୍କିଆ ଚାରିଦେଶରେ ନିଜର ଜୀବନ, ଜୀବିକା ଓ ଭିଟାମାଟିର ସୁରକ୍ଷା ପାଇଁ ଜିନ୍ଦଲ ଷ୍ଟିଲ୍ କମ୍ପାନୀ ବିରୁଦ୍ଧରେ ଜନସାଧାରଣଙ୍କ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଉପରେ ପୋଲିସ ଦମନକୁ ବିରୋଧ କରି ଆଜି ଭୁବନେଶ୍ୱର ଭଗବତୀ ଭବନରେ ସିପିଆଇ, କଂଗ୍ରେସ, ସିପିଆଇ (ଏମ୍), ସିପିଆଇଏମ୍‌ଏଲର ଲିବରେସନ, ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପୋସ୍କୋ ପ୍ରକଳ୍ପ ଢିଙ୍କିଆ ଚାରିଦେଶରୁ ଅପସରି ଗଲାପରେ ରାଜ୍ୟ ସରକାର ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର କମ୍ପାନୀକୁ ଉକ୍ତ ଜାଗା ଦେବା ପାଇଁ ଯୋଜନା କରି ରାଜ୍ୟ ଓ ଜିଲ୍ଲା ପ୍ରଶାସନ ଶାନ୍ତିପୂର୍ଣ୍ଣ ଆନ୍ଦୋଳନକାରୀଙ୍କ ଉପରେ ଦମନ ଲୀଳା ଚଳାଇ ବଳ ପ୍ରୟୋଗ କରି ଲୋକଙ୍କର ଜମି, ପାନବରଜ ଅକ୍ତିଆର କରିନେଉଛି। ଢିଙ୍କିଆ ଗ୍ରାମର ସମସ୍ତ ପ୍ରବେଶପଥରେ ଶତାଧିକ ପୋଲିସ ମୁତୟନ କରି ଲୋକଙ୍କ ମଧ୍ୟରେ ସରକାର ଆତଙ୍କ ସୃଷ୍ଟି କରୁଛନ୍ତି। ଚାଷବାସ, ସ୍ୱାସ୍ଥ୍ୟସେବା ପାଇଁ ଲୋକେ ଗ୍ରାମରୁ ବାହାରିଲେ ଲୋକଙ୍କୁ ଗିରଫ କରିନିଆଯାଉଛି। ବର୍ତ୍ତମାନ ସୁଦ୍ଧା ଅନେକ ନିରୀହ ଲୋକଙ୍କୁ ଗିରଫ କରିସାରିଲେଣି। ଗଣତାନ୍ତ୍ରିକ ରାଷ୍ଟ୍ରରେ ପୋଲିସର ଏପରି ଅମାନବୀୟ ଘଟଣାକୁ ବୈଠକରେ ତୀବ୍ର ନିନ୍ଦା କରାଯାଇ ତୁରନ୍ତ ପୋଲିସ ପ୍ରତ୍ୟାହାର କରିନେବା ପାଇଁ ଦାବି କରାଯାଇଛି। ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କୁ ଏକ ପ୍ରତିନିଧି ଦଳ ସାକ୍ଷାତ କରି ତୁରନ୍ତ ହସ୍ତକ୍ଷେପ କରିବାକୁ ଦାବି କରାଯିବା ସହିତ ପୋଲିସ (ଡିଜି)ଙ୍କୁ ମଧ୍ୟ ସାକ୍ଷାତ କରିବାକୁ ବୈଠକରେ ସ୍ଥିର କରାଯାଇଛି। ଖୁବ୍ କମ୍ ଦିନ ମଧ୍ୟରେ ଏକ ପ୍ରତିନିଧି ଦଳ ଢିଙ୍କିଆ ଗସ୍ତ କରି ଜନସାଧାରଣଙ୍କ ସମସ୍ୟା ବୁଝିବା ସହିତ ଜିନ୍ଦଲ ବିରୋଧି ଆନ୍ଦୋଳନକୁ ଆହୁରି ସଂଗଠିତ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ବୈଠକରେ ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ଅଭୟ ସାହୁ, କ୍ଷୀରୋଦ ସିଂହଦେଓ, କଂଗ୍ରେସର ବରିଷ୍ଠ ନେତା ସୁଦର୍ଶନ ଦାସ, ଶିବାନନ୍ଦ ରାୟ, ସିପିଆଇ(ଏମ୍) ପକ୍ଷରୁ ଜଗନ୍ନାଥ ମିଶ୍ର, ସିପିଆଇ (ଏମ୍.ଏଲ.) ଲିବରେସନର ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ଓ ଏଆଇଏଫବି ପକ୍ଷରୁ ଜ୍ୟୋତିରଞ୍ଜନ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଆନ୍ଦୋଳନର ଡାକରା ଦେବାରୁ ଶାସନ ବ୍ୟବସ୍ଥାର ନାଲି ଆଖି

ରାଉରକେଲା, (ପିଏନ)- ରାଉରକେଲା ଶିଶୁ ବିକାଶ ଯୋଜନା ଅଧିନରେ କାର୍ଯ୍ୟରତ ଅଙ୍ଗନବାଡି କର୍ମୀ ମାନଙ୍କ ଭିତରୁ କାର୍ଯ୍ୟରେ ଅବହେଳା ଅଭିଯୋଗରେ ସେ ସମୟର ଉପଜିଲ୍ଲାପାଳ ଓ ବର୍ତମାନର ସୁନ୍ଦରଗଡ ଏଡିଏମ ୪ ଜଣ ଅଙ୍ଗନବାଡି କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କାର କରିବାର ୨୦ ମାସ ବିତିଲାଣି । ସମ୍ପୃକ୍ତ ୪ ଜଣ ଅଙ୍ଗନବାଡି କର୍ମଚାରୀ ନ୍ୟାୟ ଭିକ୍ଷା କରିବାକୁ ଯାଇ ସୁନ୍ଦରଗଡ ଜିଲ୍ଲାପାଳଙ୍କ ଅଫିସ ଠାରୁ ଆରମ୍ଭକରି ସୁନ୍ଦରଗଡ ଏଡିଏମ, ରାଉରକେଲା ଏଡିଏମଙ୍କ ଅଫିସକୁ ଦଉଡି ଦଉଡି ନ୍ୟାୟ ନପାଇ ଆଗାମୀ ୨୭ ତାରିଖ କିମ୍ବା ନଭେମ୍ବର ୩ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତି ନେବା ସହ ଏନେଇ ଜିଲ୍ଲା ପ୍ରଶାସନକୁ ଜଣାଇବା ପରେ ଜିଲ୍ଲା ପ୍ରଶାସନ ସେମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ ନାଲିଆଖି ଦେଖାଇଥିବାର ଅଭିଯୋଗ ହୋଇଛି । ଖବରରୁ ଜଣାପଡିଛି ଯେ, ଏକ ଆନ୍ଦୋଳନରେ ସାମିଲ ହେବା, କାର୍ଯ୍ୟରେ ଅବହେଳା ନେଇ ୨୦୧୯ ମସିହାରେ ମାନସି ଦାସ, ସାବିତ୍ରୀ ରଣା, ବାସନ୍ତୀ ସେଠୀ, ଅଞ୍ଜଳି ପଟେଲ ନାମକ ୪ ଜଣ ମହିଳା କର୍ମୀଙ୍କୁ ସେ ସମୟର ପାନପୋଷ ଉପଜିଲ୍ଲାପାଳ ଚାକିରୀରୁ ବହିଷ୍କାର କରିଥିଲେ ।୧୧-୧-୨୦୧୯ରୁ ଏମାନଙ୍କୁ ବହିଷ୍କାର କରାଜିବା ପରେ ଏମାନେ ନ୍ୟାୟ ପାଇବା ଲାଗି ବାରମ୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ।ପରେ ସେମାନେ ଅନ୍ୟାନ୍ୟ ଅଧିକାରୀ ମାନଙ୍କ ପାଖକୁ ମଧ ଯାଇଥିଲେ, ମାତ୍ର ସେମାନଙ୍କର ସମସ୍ୟାକୁ ସମାଧାନ ଆଜିଯାଏ କରାଗଲା ନାହିଁ । ତେବେ ରାଜ୍ୟ ସ୍ତରରେ ଏନେଇ ନିଷ୍ପତି ହେବାପରେ ଜିଲ୍ଲାର ଅଙ୍ଗନବାଡି କର୍ମୀ ସଂଗଠନ ପକ୍ଷରୁ ଆନ୍ଦୋଳନ ଲାଗି ନୋଟିସ୍ ଦେବାପରେ ରାଉରକେଲା ଆଇସିଡିଏସ ଅଧିକାରୀ ତାଙ୍କ ଚିଠି ରେ ରାଉରକେଲାର କର୍ମୀ ମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ କହିବା ସହ ବହିଷ୍କୃତ କର୍ମୀ ମାନଙ୍କ ସହ ଆନ୍ଦୋଳନକୁ ଗଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଜିବ ବୋଲି କହିଥିବା ଅଭିଯୋଗ ହୋଇଛି । ଏହି ଖବର ଆସିବା ପରେ ଏହା ଗଣତନ୍ତ୍ରର କେଉଁ ନୀତି ବୋଲି ଏବେ ସାଧାରଣରେ ଆଲୋଚନା ହେଉଛି । ଗଣତନ୍ତ୍ରରେ ସମସ୍ତଙ୍କର ନୀରବତା ଓ ଶାନ୍ତିଶୃଙ୍ଖଳାର ସହ ଆନ୍ଦୋଳନ କରିବାର ଅଧିକାର ରହିଛି, କିନ୍ତୁ ଏଭଳି ନିର୍ଦ୍ଦେଶନାମା ବିଭିନ୍ନ ମହଲକୁ ଆଶ୍ଚର୍ଯ୍ୟ କରିଛି । ସମସ୍ତଙ୍କ ମୁହଁରେ ଗୋଟିଏ କଥା ଏ କି ପ୍ରକାର ଶାସନ ? ଅନ୍ୟପକ୍ଷରେ ଏହି ଅଙ୍ଗନବାଡି ସଂଗଠନ ବିଏମଏସ ସମର୍ଥରେ ରହିଥିବା ବେଳେ ବିଏମଏସର ଜିଲ୍ଲାସ୍ତରର କୌଣସି ନେତା ମଧ ଏନେଇ ମୁହଁ ନଖୋଲିବା ସଂଗଠନର ଦଳୀୟ ଏକତା ଉପରେ ଲାଗାଇଛି ବଡ ପ୍ରଶ୍ନବାଚୀ ।

ଏନେଇ ବିଜେପିର ରାଜ୍ୟ ମୁଖପାତ୍ର ଧୀରେନ ସେନାପତିଙ୍କୁ ଯୋଗାଯୋଗ କରାଜିବାରୁ ସେ କହିଲେ , ଏମାନେ ପଲିଟିକାଲ ଆକ୍ରୋଶର ଶୀକାର ହୋଇଛନ୍ତି । ସେମାନେ ଦଳ ସହ ସିଧା ସଳଖ ସମ୍ପୃକ୍ତ ନୁହନ୍ତି, ବିଏମଏସ ସହ ସେମାନେ ରହିଛନ୍ତି, ମୁଖ୍ୟମନ୍ତ୍ରୀ ସବୁ ବେଳେ ମହିଳାଙ୍କ କଥା କହିବା ସହ ସେମାନଙ୍କ ସୁରକ୍ଷା କଥା କହୁଛନ୍ତି , କିନ୍ତୁ ୨୦ ବର୍ଷ ଚାକିରୀ କଲାପରେ ଜଣେ ମହିଳାଙ୍କୁ କୌଣସି ଠୋସ୍ ପ୍ରମାଣ ନଥାଇ ବହିଷ୍କାର କରିଦେବା ତାହା କିଭଳି ନ୍ୟାୟ ବୋଲି ଶ୍ରୀ ସେନାପତି ପ୍ରଶ୍ନ କରିଛନ୍ତି । ଜଦି ଏନେଇ ଆଇସିଡିଏସ ଏଭଳି କିଛି କହିଛି ତେବେ ବିଜେପି ପ୍ରତିନିଧି ଦଳ ତାଙ୍କୁ ଭେଟିବ ବୋଲି ସେ ପ୍ରକାଶ କରିଛନ୍ତି । ସର୍ବୋପରି ଗଣତନ୍ତ୍ରରେ ସମସ୍ତଙ୍କର ଅଧିକାର ରହିଛି ନିଜର ସମସ୍ୟାର ସମାଧାନ କରିବାକୁ ସେମାନେ ଆଗକୁ ଆସିପାରିବେ, ସେମାନଙ୍କୁ ନାଲି ଆଖି ଦେଖାଇବା ଠିକ୍ ନୁହେଁ ।

ସେହିଭଳି ବିଜେପି ନେତା ନିହାର ରାୟ କହିଛନ୍ତି, ନିଜର ହକ୍ ମାଗିବାକୁ ଗଲେ ଏଭଳି କଥା ଯଦି କୁହାଜିବ ତେବେ ତାହା ଦୁର୍ଭାଗ୍ୟଜନକ କଥା, ଯଦି ସେମାନେ ଆନ୍ଦୋଳନକୁ ଜିବେ ତାଙ୍କୁ ବିଜେପି ତରଫରୁ ସମସ୍ତ ପ୍ରକାର ସହଯୋଗ କରାଜିବ ବୋଲି ସେ ପ୍ରକାଶ କରିଛନ୍ତି ।

# ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ



ବାସୁଦେବପୁର,(ପି.ଏନ) : ବାସୁଦେବପୁର ବ୍ଲକ ଅନ୍ତର୍ଗତ ମଲ୍ଲିକାଦେଇପୁର କ୍ଲଷ୍ଟର ର ଭଗବାନପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜେନ୍ଦ୍ର ସେଠୀ ଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ରାଜେନ୍ଦ୍ର ସାର୍ ୧୯୯୦ ମସିହା ରେ ପ୍ରଥମେ ଶିକ୍ଷକ ଭାବରେ ନିଯୁକ୍ତି ହୋଇ ଦୀର୍ଘ ୩୪ ବର୍ଷ ଧରି ଶିକ୍ଷକତା କରିବା ପରେ ଆଜି ତାଙ୍କୁ ଅବସର ନେବାକୁ ପଡିଛି । ସରକାର ଙ୍କ ନିୟମ ଅନୁସାରେ ଜଣେ ସରକାରୀ କର୍ମଚାରୀଙ୍କୁ ୬୦ ବର୍ଷ ପର୍ଯ୍ୟନ୍ତ ଚାକିରି କରିବାକୁ ପଡ଼ିଥାଏ, ସେହି ନିୟମ ଅନୁସାରେ ମୁଁ ଆଜି ଅବସରପ୍ରାପ୍ତ କରୁଛି କାଲି ଆଉ କିଏ ଅବସରପ୍ରାପ୍ତ ହେବେ । ଏହି ବିଦାୟ ସମୟରେ ବରିଷ୍ଠ ଶିକ୍ଷକ ନିର୍ମଳ କୁମାର ଜେନା ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସାଧାରଣ ସଭାରେ ମୂଖ୍ୟ ଅତିଥି ଭାବେ କରୁଣାକର ମଳିକ , ମୂଖ୍ୟ ବକ୍ତା ଭାବରେ ଶଶିକାନ୍ତ ପତି, ସମ୍ମାନିତ ଅତିଥି ଭାବେ ଶାନ୍ତନୁ କୁମାର ପଳିତା, କିଶୋର କୁମାର ଦାସ, ଶଶିକାନ୍ତ ପତି,ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ମାଳବିକା ମାଝୀ, ମନୋରଞ୍ଜନ ବେହେରା ସ୍କୁଲ ପରିଚାଳନା କମିଟିର ସଭାପତି ଇନ୍ଦ୍ରମଣି ନାୟକ ଙ୍କ ସମେତ କମିଟି ର ସମସ୍ତ ସଦସ୍ୟ ଏବଂ ସ୍କୁଲର ଛାତ୍ରଛାତ୍ରୀମାନେ ଯୋଗଦାନ କରିଥିଲେ । ଉକ୍ତ ସଭାରେ ଉପସ୍ଥିତ ଅତିଥିମାନେ ଅବସର ଶିକ୍ଷୟିତ୍ରୀ ଙ୍କ ଶିକ୍ଷାଦାନ ର ପଦ୍ଧତି ଓ ତାଙ୍କର ବହୁମୁଖୀ ପ୍ରତିଭା ଏବଂ ଆଦର୍ଶ ର ଗୁଣ ଗାନ କରିବା ସହିତ କବିତା ଆବୃତ୍ତି କରିଥିଲେ ।

# ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା । ତାଲିମର ଉଦ୍‌ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ । ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ । ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ ।

# ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଲା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଲା ବ୍ଲକ ଦୂର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି । ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ ପିଇବାକୁ ବାଧ ହେଉଛନ୍ତି । ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ ତାହା ଏବେ ଅକାମୀ ହୋଇପଡ଼ି ରହିଛି । ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି । ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି । -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି । ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା । ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

# ଦୁର୍ନୀତି ବିରୋଧରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଦାବି କଲେ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳର ଅଧ୍ୟାପକ ଓ ଅଧ୍ୟାପିକା

ବାରିପଦା, (ପିଏନ)-ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଆଦିକନ୍ଦ ଦେଙ୍କ ବିରୋଧରେ ମହାଦୁର୍ନୀତିର ଅଭିଯୋଗ ଆଣି ଘଟଣା ଉପରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ କରିବା ଦାବିରେ ଆଜି ମହାବିଦ୍ୟାଳୟର ଅରବିନ୍ଦ ସେଠୀ, ସମୀର କୁମାର ନାୟକ, ହରପ୍ରିୟା ବେହେରା, ଗୀତିକା ଜେନା, ଜ୍ୟୋତିଶା ମାଝି, ମଧୁସ୍ମିତା ପାତ୍ର, ମନୋଜ ଦଲେଇ, ଗୌରାଙ୍ଗଚନ୍ଦ୍ର ମହାପାତ୍ର, ରାଜୀବ କୁମାର ଗିରି, ତପନ କୁମାର ସାହୁ, ଶୁଭଶ୍ରୀ ନନ୍ଦ, ବିପୀନ ବିହାରୀ ସିଂ, ପଙ୍କଜ କୁମାର ପଣ୍ଡା ପ୍ରମୁଖ ଅଧ୍ୟାପକ, ଅଧ୍ୟାପିକା ପ୍ରମୁଖ ଜିଲ୍ଲାପାଳ ଶ୍ରୀଭରଦ୍ୱାଜଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ଅଭିଯୋଗ ଆଧାରରେ ଅଧ୍ୟକ୍ଷ ଶ୍ରୀଦେ ଶହେ କିମ୍ବା ହଜାରେ ନୁହେଁ, ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି କରିଛନ୍ତି । ସମସ୍ତଙ୍କୁ ଚୁନ ଲଗାଇ ଏହି ସମସ୍ତ ଟଙ୍କାକୁ ଚଲୁ କରିଛନ୍ତି ମହାବିଦ୍ୟାଳୟର ଅଧ୍ୟକ୍ଷ । ତାହା ପୁଣି ୟୁଜିସି ପକ୍ଷରୁ ମହାବିଦ୍ୟାଳୟକୁ ଆସିଥିବା ଅନୁଦାନ ସହ ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧ୍ୟାପକ, ଅଧ୍ୟାପିକ ଓ କର୍ମଚାରୀମାନଙ୍କ ଏରିଆର ଟଙ୍କା, ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କ ଷ୍ଟାଇପେଣ୍ଡ ଟଙ୍କା ସହ ମହାବିଦ୍ୟାଳୟର ପାଣ୍ଠି ଆଦି । ଏହାକୁ ନେଇ ବିବାଦ ଘେରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଦେ । ଏହି ସମସ୍ତ ଅଭିଯୋଗକୁ ନେଇ ମହାବିଦ୍ୟାଳୟର ଅଧ୍ୟାପକ ସମୀର ରଞ୍ଜନ ନାୟକ ମୁଖ୍ୟମନ୍ତ୍ରୀଙ୍କୁ ନିକଟରେ ଅଭିଯୋଗ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ କପ୍ତିପଦା ଉପଜିଲ୍ଲାପାଳ ଭଗବାନ ବେହେରା ଗତ କାଲି ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟରେ ପହଁଞ୍ଚିଥିଲେ । ଉପଜିଲ୍ଲାପାଳ ତଦନ୍ତ ଶେଷ କରି ଫେରିବା ସମୟରେ ମହାବିଦ୍ୟାଳୟର ଫାଟକ ସମ୍ମୁଖରେ ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯିବା ଦାବିରେ ମହାବିଦ୍ୟାଳୟର ଛାତ୍ର ଓ ଅନ୍ୟ ଜଣେ ସ୍ଥାନୀୟ ବ୍ୟକ୍ତି ଜାତୀୟ ପତକା ଧରି ରାସ୍ତା ଅବରୋଧ କରିବା ସହ ଗାଡ଼ି ସମ୍ମୁଖରେ ଶୋଇ ଧାରଣାରେ ବସିଥିଲେ । ଉକ୍ତ ଘଟଣାରେ ଆଜି ଉଦଳା ଥାନା ଦାୟିତ୍ୱରେ ଥିବା ଖୁଣ୍ଟା ଥାନା ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ ଅଧ୍ୟାପକ ମନ୍ମଥ କୁମାର ପଣ୍ଡା(୪୮), ସୁଶାନ୍ତ କୁମାର ମଲ୍ଲିକ(୨୦) ଓ ରଞ୍ଜିତ୍ କୁମାର ବିଶ୍ୱାଳ(୨୪)ଙ୍କୁ ଆଇପିସି ଧାରା ୩୪୧, ୩୪୨, ୩୫୩, ୨୬୮, ୨୬୯, ୨୭୦, ୧୮୬, ୧୮୮ ଓ ୩୪ ସହ ୧୮୮୭ ମହାମାରୀ ଆକ୍ଟ-୩ ଓ ବିପର୍ଯ୍ୟୟ ପରିଚାଳନା ଆକ୍ଟ-୨୦୦୫ ଧାରା ୫୬ରେ (କେଶ ନମ୍ବର ୨୩୯/୨୦୨୦) ଗିରଫ କରି କୋର୍ଟ ଚାଲାଣ କରିଥିବା ସମୟରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ଥାନାରେ ଦେଇଥିବା ଅଭିଯୋଗ ଉପରେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିନାହିଁ । ଅଧିକନ୍ତୁ, ବିଭିନ୍ନ ସମୟରେ ବାହାରର ବ୍ୟକ୍ତି ଓ ମହିଳାମାନଙ୍କୁ ଲଗାଇ ଅଧ୍ୟକ୍ଷ ଶ୍ରୀଦେ ମହାବିଦ୍ୟାଳୟ ପରିସରରେ ଅଧ୍ୟାପକ, ଅଧ୍ୟାପିକାମାନଙ୍କୁ ଧମକଚମକ ଦେବା ସହ ଜଣେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଅଧ୍ୟାପିକା ମହାବିଦ୍ୟାଳୟକୁ ଆସୁଥିବା ସମୟରେ ରାସ୍ତାରେ ଲୋକ ଲଗାଇ ଜାତିଆଣା ଆକ୍ଷେପ ସହ ଅଶାଳୀନ ଭାଷାରେ ଗାଳିଗୁଲଜ ଓ ଧମକ ଚମକ ଦେଇଥିଲେ । କେବଳ ଏତିକି ନୁହେଁ ଅଧ୍ୟକ୍ଷ ଶ୍ରୀଦେ ତାଙ୍କ ଭାଇ ଓ ପୁଅଙ୍କୁ ମହାବିଦ୍ୟାଳୟରେ ନିଯୁକ୍ତି ପ୍ରଦାନ କରିଛନ୍ତି । ସେମାନେ ମହାବିଦ୍ୟାଳୟକୁ ଆସୁନଥିବା ବେଳେ ପ୍ରତ୍ୟେକ ମାସ ଦରମା ଉଠାଯାଉଛି । ପୁଣି କେତେକ ଅଧ୍ୟାପକଙ୍କ ଅଗୋଚରରେ ସ୍ୱାକ୍ଷରକୁ ନକଲ କରି କରାଯାଇ ଟଙ୍କା ଉଠାଯାଇଛି । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଦେଙ୍କ ନାମରେ ଏହିପରି ବିଭିନ୍ନ ସଙ୍ଗୀନ ଅଭିଯୋଗ ଆଣି ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ବାରମ୍ବାର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିବା ସମୟରେ ଆଜି ଜିଲ୍ଲାପାଳଙ୍କୁ ଭେଟି ନିଜର ଅଭିଯୋଗ ଜଣାଇଛନ୍ତି । ତେବେ ଏହାର ଶେଷ କେଉଁଠି ତାହାକୁ ନେଇ ଉଠିଛି ପ୍ରଶ୍ନ । ଅଧ୍ୟକ୍ଷ ଓ ଅଧ୍ୟାପକମାନଙ୍କ ମଧ୍ୟରୁ ବଳି ପଡ଼ିବ କିଏ । ଏହି ବିବାଦ ମଧ୍ୟରେ ସତ୍ୟର ଜୟ ହେଉଛି ନା ଅସତ୍ୟର ଜୟ ହେଉଛି , ତାହା କେବଳ ପରବର୍ତି ସମୟ ହିଁ କହିବ ।





2024-2025



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2024

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Thursday July 25 2024 ଭୁବନେଶ୍ୱର ଗୁରୁବାର, ଜୁଲାଇ ୨୫,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com

# ପିଚୁରାସ୍ତା ନଷ୍ଟ କରୁଛି ଲୁହା ଚକ ଲଗା ଟ୍ରାକ୍ଟର : ଚାଳକ ଓ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି



ଧର୍ମଶାଳା, (ପିଏନ୍): ପିଚୁ ରାସ୍ତାକୁ ନଷ୍ଟ କରୁଛି ଲୁହା ଚକ ଲଗା ଟ୍ରାକ୍ଟର । ଧର୍ମଶାଳା ଅଞ୍ଚଳରେ ଅନେକ ପିଚୁ ରାସ୍ତା ଭାଙ୍ଗରୁଜି ଯାଇଥିବା ଦେଖିବାକୁ ମିଳିଛି । ଏନେଇ କୌଣସି କଟକଣା ନଥିବାରୁ ଚାଳକମାନେ ଲୁହା ଚକ ଲଗା ଟ୍ରାକ୍ଟର ଚଳାଇ ରାସ୍ତା ନଷ୍ଟ କରିବାରେ ଲାଗିଛନ୍ତି । ଫଳରେ ବିଭିନ୍ନ ବିଭାଗ ପକ୍ଷରୁ ନିର୍ମିତ ହୋଇଥିବା କୋଟି କୋଟି ଟଙ୍କା ମୂଲ୍ୟର ରାସ୍ତାଗୁଡିକ ଟ୍ରାକ୍ଟରରେ ଲଗାଯାଇଥିବା ଲୁହା ଚକ ଚାପରେ ଭାଙ୍ଗି ଯାଉଥିବା ଅଭିଯୋଗ ହୋଇଛି । ପ୍ରକାଶ ଯେ, ଅଧିକାଂଶ ପିଚୁରାସ୍ତାରେ ବେଆଇନ ଭାବେ ଲୁହା ଚକ ଲଗା ଟ୍ରାକ୍ଟର ଯାତାୟତ କରୁଥିବାରୁ ଶାନ୍ତିବଜାର-କାଏମା ରାସ୍ତା ସହିତ ଜାରକା ପଂଚାୟତର ଉତର ଶାସନ(ମାଙ୍କଡ଼ ସାହି)ଗାଁରୁ ଦୁବଗଡ଼ିଆ ମୌଜା ଦେଇ ଜାତୀୟ ରାଜପଥ-୧୬ରେ ସଂଯୋଗ ହୋଇଥିବା ପିଚୁ ରାସ୍ତା ଅନେକ ସ୍ଥାନରେ ଭାଙ୍ଗିଯାଇଛି । ଜାରକା ପଂଚାୟତ ସମେତ ଅଭୟପୁର, ବଡ଼କାଏମା, ଭବାନୀପୁର, ପାଟପୁର, ଉତରପ୍ରତାପ, ଦେଓଦା, ମଙ୍ଗଳପୁର, କୋଟପୁର, ସୁନ୍ଦୁରିଆ, ହରିଦାସପୁର, ନେଉଳପୁର, କ ିଗଡ଼ିଆ, ପଟୁଣିଆ, ଥାନୁଆଳ, ଗଙ୍ଗାଧରପୁର, ପାଖର, ତରିଆ ଆଦି ବିଭିନ୍ନ ପଂଚାୟତରେ ଥିବା ଅଧିକାଂଶ ପିଚୁରାସ୍ତାରେ ବାରମ୍ବାର ଲୁହା ଚକ ଲଗା ଟ୍ରାକ୍ଟର ଯାତାୟତ କରୁଥିବାରୁ ଅନେକ ରାସ୍ତା ଭାଙ୍ଗିରୁଜି ଗଲାଣି । ସେହିପରି କେତେକ ଦୁର୍ବଳ କଂକ୍ରିଟ୍ ରାସ୍ତା ମଧ୍ୟ ଏଥିପାଇଁ ନଷ୍ଟ ହେଉଥିବା ଅଭିଯୋଗରେ ଦର୍ଶାଯାଇଛି । ଏସବୁ ଭଙ୍ଗା ରାସ୍ତାରେ ସ୍ଥାନୀୟ ଅଂଚଳବାସୀଙ୍କ ଯାତାୟତରେ ବହୁ ଅସୁବିଧା ହେଉଛି । ବିଶେଷ କରି ବର୍ଷାଦିନେ କାଦୁଅ ଜମିରେ ହଳ କରିବା ପାଇଁ ଟ୍ରାକ୍ଟରରେ ଲୁହା ଚକକୁ ସଂଯୋଗ କରାଯାଇଥାଏ । ନିୟମାନୁସାରେ ଟ୍ରାକ୍ଟର ଡାଲାରେ ଉକ୍ତ ଲୁହାଚକକୁ ବୋଝେଇ କରି ନେଇ ଚାଷ ଜମି ନିକଟରେ ଏହାକୁ ଲଗାଇବା କଥା । ମାତ୍ର ମାଲିକମାନେ ଘର ନିକଟରୁ ଟ୍ରାକ୍ଟରରେ ଲୁହା ଚକ ଲଗାଇ ଏହାକୁ ଚାଷଜମିକୁ ନେଉଛନ୍ତି । ଫଳରେ ଚକରେ ଲାଗିଥିବା ଲୁହାବିଟରେ ପିଚୁରାସ୍ତା ଭାଙ୍ଗି ଯାଉଛି । ଏହାକୁ ସ୍ଥାନୀୟ ଅଂଚଳବାସୀ ବିରୋଧ କରୁଥିଲେ ମଧ୍ୟ ଟ୍ରାକ୍ଟର ଚାଳକମାନେ ଏହାକୁ ଭୃକ୍ଷେପ କରୁନାହାଁନ୍ତି । ରାସ୍ତା ଦାୟିତ୍ୱରେ ଥିବା ନିର୍ମାଣ ବିଭାଗ କିମ୍ବା ସ୍ଥାନୀୟ ପୁଲିସ୍ ସଂପୃକ୍ତ ଟ୍ରାକ୍ଟର ଚାଳକ ଓ ମାଲିକମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯୁବନେତା ବାପି ଦାସ ଓ ନରେନ୍ଦ୍ର ମହାନ୍ତି ଦାବି କରିଛନ୍ତି ।

## ପ୍ରଧାନଶିକ୍ଷକଙ୍କ ବିୟୋଗରେ ଶୋକସଭା

ଧର୍ମଶାଳା,(ପିଏନ୍): ଧର୍ମଶାଳା ବ୍ଲକ୍ ମିର୍ଜାପୁରସ୍ଥିତ ଶ୍ୟାମସୁନ୍ଦର ସରକାରୀ ହାଇସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର କୁଣ୍ଡୁଙ୍କ ବିୟୋଗରେ ଏକ ଶୋକସଭା ଆଜି ଅନୁଷ୍ଠିତ ହୋଇଛି । ଅବସରପ୍ରାପ୍ତ ଶିକ୍ଷକ ପ୍ରସନ୍ନ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶୋକସଭାରେ ପ୍ରଧାନଶିକ୍ଷକ ହରିହର ରଥ, ଅବସରପ୍ରାପ୍ତ ଶିକ୍ଷକ ବ୍ରଜକିଶୋର ଦାଶ, ଯତୀନ୍ଦ୍ରନାଥ ଦାସ, ହରିହର ବିଶ୍ୱାଳ, ସାଧୁ ରାଘବ ଦାସ ଓ ଆଇନଜୀବୀ ଶ୍ୟାମପ୍ରସାଦ ଦାଶ ଅତିଥିଭାବେ ଯୋଗଦେଇ ସ୍ୱର୍ଗତ କୁଣ୍ଡୁଙ୍କ ଶିକ୍ଷାଦାନ, ଛାତ୍ରବତ୍ସଳତା ଓ ସମୟାନୁବର୍ତିତା ସମ୍ପର୍କରେ ଆଲୋକପାତ କରିଥିଲେ । ପୁରାତନ ଛାତ୍ର ସଂସଦ ପକ୍ଷରୁ ଆୟୋଜିତ ଶ୍ରଦ୍ଧାଳି ସଭାରେ ଶିକ୍ଷକ ଅକ୍ଷୟ କୁମାର ଶତପଥୀ, ପୂର୍ବତନ ଶିକ୍ଷକ ବ୍ରହ୍ମାନନ୍ଦ ନାୟକ, ରସାନନ୍ଦ ମଲ୍ଲ, ପୁରାତନ ଛାତ୍ର ରନ କୁମାର ଓଝା, ଆଦିତ୍ୟ ନାୟକ ଓ ତାପସ କୁମାର ନାୟକ ସ୍ୱର୍ଗତ ପ୍ରଧାନଶିକ୍ଷକଙ୍କ ସ୍ମୃତିଚାରଣ କରିଥିଲେ । ପ୍ରାରମ୍ଭରେ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯିବା ସହ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା । ସହକାରୀ ଶିକ୍ଷକ ଡ. ଅଜୟ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ । ପରେ ରମେଶ ସାରଙ୍କ ସ୍ମୃତିରେ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା ।

# ଭାରତୀୟ ସଂସ୍କୃତିରେ ଗୁରୁପୂଜା ଏକ ଅଭିନ୍ନ ଅଙ୍ଗ:ସ୍ୱାମୀ ବ୍ରହ୍ମାନନ୍ଦ



ଭୁବନେଶ୍ୱର,(ପି.ଏନ): ପବିତ୍ର ବ୍ୟାସପୂର୍ଣ୍ଣିମା ଉପଲକ୍ଷେ ନିଗମ କଳ୍ପତରୁ ଆଶ୍ରମ ପକ୍ଷରୁ ଅନୁଷ୍ଠିତ ଗୁରୁପୂର୍ଣ୍ଣିମା ମହୋତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଆଶ୍ରମର ପ୍ରତିଷ୍ଠାତା ଅଧ୍ୟକ୍ଷ ତଥା ବିଶିଷ୍ଟ ସନ୍ଥ ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ କହିଲେ ଯେ, ଭାରତୀୟ ସଂସ୍କୃତିରେ ଗୁରୁପୂଜା ଏକ ଅବିଚ୍ଛିନ୍ନ ଅଙ୍ଗ । ଆମର ହଜାର ହଜାର ବର୍ଷର ସଂସ୍କୃତିରେ ଶ୍ରୀ ନାରାୟଣଙ୍କଠାରୁ ଆରମ୍ଭ ହୋଇଥିବା ଗୁରୁ ପରମ୍ପରାରେ ଆମେ ବ୍ୟାସଦେବ ଓ ପରବର୍ତୀ ସମୟରେ ଆଦିଶଙ୍କରାଚାର୍ଯ୍ୟଙ୍କୁ ଆଦିଗୁରୁ ଭାବେ ପୂଜା କରି ନିଜକୁ ଧନ୍ୟ ମନେ କରିଥାଉ । ବିଶିଷ୍ଟ ବେଦବିତ୍ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଧର୍ମସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତବର୍ଷର ବିଶିଷ୍ଟ ସଂସ୍କୃତ ବିଦ୍ୱାନ ପ୍ରଫେସର ଡଃ ପ୍ରଫୁଲ୍ଲ କୁମାର ମିଶ୍ର ଆମ ସଂସ୍କୃତିରେ ଗୁରୁଙ୍କୁ ଭଗବାନଙ୍କର ସ୍ଥାନ ଦିଆଯାଇ ଗୋବିନ୍ଦ ଭାବରେ ପୂଜା କରାଯାଏ ବୋଲି କହିଥିଲେ । ଭାରତୀୟ ସଂସ୍କୃତିରେ ଗୁରୁ କେବଳ ନିଜର ଶିଷ୍ୟର ମଙ୍ଗଳ କାମନା କରିନଥା'ନ୍ତି, ବରଂ ଗୁରୁ ସବୁବେଳେ ବିଶ୍ୱର କଲ୍ୟାଣ ପାଇଁ ଚିନ୍ତା କରିଥା'ନ୍ତି । ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥୀ କହିଥିଲେ ଯେ, ମଣିଷ ଯେତେବେଳେ ଗୁରୁ ଆଶ୍ରିତ ହୋଇଯାଏ, ସେତେବେଳେ ସେ ଗୁରୁଙ୍କର ସମସ୍ତ ଆଶୀର୍ବାଦର ଅଧିକାରୀ ହୋଇଥାଏ । ଯାହାଙ୍କୁ ଆମେ ଭଗବାନ ବୋଲି କହୁଛେ, ସେ ରାମଚନ୍ଦ୍ର ହୁଅନ୍ତୁ ବା କୃଷ୍ଣଚନ୍ଦ୍ର, ସେମାନେ ମଧ୍ୟ ଗୁରୁ ଆଶୀର୍ବାଦରେ ସମାଜରେ ନିଜର ପ୍ରତିଷ୍ଠା ଲାଭ କରିଛନ୍ତି । ଅନ୍ୟତମ ଅତିଥି ଭାବେ କରମଳା ଆଶ୍ରମର ବାବା ମୁକୁନ୍ଦାନନ୍ଦ ଦାସ, ଅଧ୍ୟାପକ ବିଶ୍ୱରନ ଓ ଡାକ୍ତର ଦୀନବନ୍ଧୁ ମହାରଣା କହିଥିଲେ ଯେ, ଗୁରୁଙ୍କ ନିକଟରେ ନିଜକୁ ସମ୍ପୂର୍ଣ୍ଣ ସମର୍ପଣ କରିଦେଲେ ହିଁ ଗୁରୁ, ଶିଷ୍ୟକୁ ଏକ ଠିକଣା ଦିଗ୍ ଦର୍ଶନ ଦେଇଥାନ୍ତି । ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଫେସର ପ୍ରଫୁଲ୍ଲ ରଥ, ପ୍ରଫେସର ଡଃ ଅଶୋକ କୁମାର ମିଶ୍ର ଓ ଡଃ ବଦ୍ରୀନାଥ ପଟ୍ଟନାୟକ କହିଥିଲେ ଯେ, ଯୁବଛାତ୍ରମାନଙ୍କ ମଧ୍ୟରେ ଆମ ଐତିହ୍ୟ, ପରମ୍ପରା ବିଷୟରେ ଶିକ୍ଷା ଦେବାର ଆବଶ୍ୟକତା ରହିଛି । ଉତ୍ସବର ପ୍ରାରମ୍ଭରେ ଆଶ୍ରମର ମୁଖ୍ୟ ପରିଚାଳକ ବ୍ରହ୍ମଚାରୀ ଆନନ୍ଦ ଚୈତନ୍ୟ ମହାରାଜ ସ୍ୱାଗତ ଭାଷଣ ଦେଇଥିବାବେଳେ ଡଃ ମିହିର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଡଃ ମିହିର ପଟ୍ଟନାୟକଙ୍କ ଲିଖିତ ସତ୍ୟାୟନ ପୁସ୍ତକର ଉନ୍ମୋଚନ ହୋଇଥିଲା । ବିଶିଷ୍ଟ ସଙ୍ଗୀତଶିଳ୍ପୀ ଅନିନ୍ଦିତା ଦାସ ଶ୍ରୀଜଗନ୍ନାଥ ଭଜନ ପରିବେଷଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପୋଲିସ ଆଇଜି ଅରୁଣ କୁମାର ଉପାଧ୍ୟାୟ, ଆଡଭୋକେଟ୍ ବନ ମହାନ୍ତି, ପ୍ରଫେସର ଡଃ ସୁରେନ୍ଦ୍ର ମିଶ୍ର, ସଙ୍ଗୀତଜ୍ଞ ଚିତରଂଜନ ପାଣି, ପୂର୍ବତନ ପୋଲିସ ଅଧିକାରୀ ପ୍ରଦୀପ୍ତ କୁମାର ଜେନା, ଡଃ ତାରକ ପ୍ରସନ୍ନ ତ୍ରିପାଠୀ ଓ ଇଂ ସନ୍ତୋଷ ସ୍ୱାଇଁ ପ୍ରମୁଖ ଗୁରୁପୂର୍ଣ୍ଣିମାର ପବିତ୍ର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଆଶ୍ରମ ପକ୍ଷରୁ ଗୌରାଙ୍ଗ ଚରଣ ମହାପାତ୍ର, କିଶୋର କୁମାର ସାହୁ, ନିତ୍ୟାନନ୍ଦ ସାହୁ, ଦେବଦତ ଭ, ଅଜୟ କୁମାର ବୃଷ୍ଟି ଓ କ୍ରାନ୍ତି କୁମାର ସକ୍‌ସେନାଙ୍କୁ ବିଶିଷ୍ଟ ଅତିଥି ବିଜେପି ଦଳର ସଙ୍ଗଠନ ସମ୍ପାଦକ ମାନସ କୁମାର ମହାନ୍ତି ଉତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ ।

# ରାଜଧାନୀରେ ଶ୍ରୁତି ବାଧିତ ଓ ଦୃଷ୍ଟି ବାଧିତ କୃତୀ ବିଦ୍ୟାର୍ଥୀ ସମ୍ମାନ ସମାରୋହ




ଭୁବନେଶ୍ୱର,(ପି.ଏନ):ଶରତ କର ଓ ଅନିମା କର ଫାଉଣ୍ଡେସନ ପକ୍ଷରୁ ରାଜଧାନୀ ଭୁବନେଶ୍ୱରରେ ଚଳିତ ବର୍ଷ ୨୦୨୪ ମସିହା ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଧ୍ୟମିକ ୧୦ମ ଶ୍ରେଣୀ ପରୀକ୍ଷାରେ ଭୁବନେଶ୍ୱର ୟୁନିଟ୍ -୩ ସ୍ଥିତ ବିପିନ୍ ବିହାରୀ ଚୌଧୁରୀ ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ଭୀମ ଭୋଇ ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ଉତୀର୍ଣ୍ଣ ଯଥାକ୍ରମେ ଶ୍ରୁତି ବାଧିତ ଓ ଦୃଷ୍ଟି ବାଧିତ କୃତୀ ବିଦ୍ୟାର୍ଥୀମାନଙ୍କୁ ଆଜି ସମ୍ବର୍ଦ୍ଧିତ କରାଯାଇଛି । ଏହି ଉପଲକ୍ଷେ ଆୟୋଜିତ ଏକ ଭବ୍ୟ ସମାରୋହରେ ଫାଉଣ୍ଡେସନର ଅଧ୍ୟକ୍ଷ ତଥା ପୂର୍ବତନ ଆୟକର କମିଶନର ଶ୍ରୀ ଶୋଭନ କର ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବରିଷ୍ଠ ସାମ୍ବାଦିକ, ସଂସ୍କୃତିବିତ୍ ତଥା ଦୈନିକ ଓଡିଶା ଭାସ୍କର ସମ୍ପାଦକ ଶ୍ରୀ ପ୍ରଦୋଷ ପଟ୍ଟନାୟକ ପ୍ରଦୀପ ପ୍ରଜ୍ୱଳନ କରି ସମାରୋହକୁ ଉଦ୍‌ଘାଟନ କରିଥିଲେ । ଦୃଢମନା ହୋଇ ଜ୍ଞାନାଲୋକ ସନ୍ଧାନ କରୁଥିବା ପ୍ରତ୍ୟେକ ବିଦ୍ୟାର୍ଥୀ ସଫଳତାର ଶୀର୍ଷ ସୋପାନରେ ପହଂଚି ପାରିବେ ବୋଲି ଶ୍ରୀ ପଟ୍ଟନାୟକ ନିଜ ବକ୍ତବ୍ୟରେ ମତ ବ୍ୟକ୍ତ କରିଥିଲେ । ବିଶିଷ୍ଟ ସାହିତ୍ୟିକ ତଥା ସ୍ତମ୍ଭକାର ଶ୍ରୀ ଅବନୀ ଚନ୍ଦ୍ର ଦାସ ଉତ୍ସବରେ ସଂଯୋଜନା କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସମ୍ମାନୀତ ଅତିଥି ଭାବରେ ବିପିନ୍ ବିହାରୀ ଚୌଧୁରୀ ଶ୍ରୁତି ବାଧିତ ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ପ୍ରମୋଦ କୁମାର ମିଶ୍ର ଏବଂ ଭୀମ ଭୋଇ ଦୃଷ୍ଟି ବାଧିତ ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ଶ୍ରୀମତୀ କଳାଶ୍ରୀ ଦାଶ କୃତୀ ବିଦ୍ୟାର୍ଥୀମାନଙ୍କ ସମେତ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଉତମ ଶିକ୍ଷା ଲାଭ କରି ସୁମଣିଷ ହେବାକୁ ପରାମର୍ଶ ଦେଇଥିଲେ । ଉକ୍ତ ଉତ୍ସବରେ ଅଧ୍ୟକ୍ଷତା କରି ନିଜ ଅଭିଭାଷଣରେ ଶ୍ରୀ ଶୋଭନ କର କହିଥିଲେ ଯେ, ନିଜର ଇଚ୍ଛାଶକ୍ତି ଓ ଏକାଗ୍ରତା ଥିଲେ ପ୍ରତ୍ୟେକ ବିଦ୍ୟାର୍ଥୀ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ପ୍ରଦର୍ଶନ କରିପାରିବ । ଏଥିରେ ଶାରିରୀକ ଅକ୍ଷମତା କୌଣସି ବାଧକ ସୃଷ୍ଟି କରିପାରିବ ନାହିଁ । ଶ୍ରୁତି ବାଧିତ କୃତୀ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ସୁଶ୍ରୀ ଶ୍ରୁତି ରେଖା ମଲ୍ଲିକ, ଶ୍ରୀ ସୁପ୍ରକାଶ କୁଣ୍ଡୁ ଓ ଶ୍ରୀ ଶିବମ୍ ଠାକୁରଙ୍କୁ ଏବଂ ଦୃଷ୍ଟି ବାଧିତ କୃତୀ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଶ୍ରୀ ଆକାଶ ଖମାରୀ, ଶ୍ରୀ ଆୟୁଷ କୁମାର ସାହୁ ଓ ସୁଶ୍ରୀ ଚିନ୍ମୟୀ ସାହୁଙ୍କୁ ଫାଉଣ୍ଡେସନ ପକ୍ଷରୁ ଉପଢୌକନ,ପ୍ରୋତ୍ସାହନ ବୃତି ଅର୍ଥ ରାଶି ସହିତ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା । ଶେଷରେ ସଂଯୋଜକ ଶ୍ରୀ ଅବନୀ ଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ବିପିନ୍ ବିହାରୀ ଚୌଧୁରୀ ଶ୍ରୁତି ବାଧିତ ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଚିତାକର୍ଷକ ନୃତ୍ୟାଭିନୟ ପରିବେଷଣ କରିଥିଲେ ଏବଂ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀବୃନ୍ଦ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

# ୫କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଚୋରା ସୁନା ରାକେଟର ସଂପୃକ୍ତ ଚୋର ଗିରଫ : କେନ୍ଦ୍ରାପଡ଼ାରେ ଦିଲ୍ଲୀ ପୋଲିସ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ଡେରାବିଶ ବ୍ଲକର ଚାନ୍ଦୋଳ ବଜାରରେ ଦିଲ୍ଲୀ ପୋଲିସ ପହ ି ୫କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଚୋରା ସୁନା କାରବାରରେ ସଂପୃକ୍ତ ଥିବା ଚୋରକୁ ଗିରଫ କରିବା ସହ ଚୋରାସୁନା କିଣି ଥିବା ଅଭିଯୋଗରେ ଚାନ୍ଦୋଳ ବଜାରର ଜୟନାରାୟଣ ଜୁଏଲର୍ସ ନାମକ ସୁନା ଦୋକାନକୁ ସିଲ କରି ଦେଇଛି । ଏଥିସହିତ ଦୋକାନ ସମ୍ମୁଖରେ ଭାଗବତପୁର ଗ୍ରାମର ଗନ୍ଧର୍ବ ସାହୁଙ୍କ ପୁଅ ଶ୍ରୀକାନ୍ତ ସାହୁଙ୍କୁ ତୁରନ୍ତ ଦିଲ୍ଲୀର ଟାଗୋର ଗାର୍ଡେନ, ମେଟ୍ରୋ ଷ୍ଟେସନସ୍ଥିତ ଆ ି ନାର୍କୋଟିକ୍ସ ସ୍କ୍ୱାର୍ଡ କାର୍ଯ୍ୟାଳୟରେ ଉପସ୍ଥିତ ହେବାକୁ ନୋଟିସ ଜାରିକରିଥିବା ଜଣାପଡିଛି । ପାଖାପାଖି ୫କୋଟି ଟଙ୍କାରୁ ଉର୍ଦ୍ଧ୍ୱ ସୁନା ଚୋରି ହୋଇଥିବା ଏକ ବିଶେଷ ସୂତ୍ରରୁ ଜଣାପଡିଛି । ହେଲେ ଏ ନେଇ ଦିଲ୍ଲୀ ପୋଲିସ ମୁହଁ ଖୋଲିନାହିଁ । କିନ୍ତୁ ଦୁଇଟି ଇନୋଭା ଗାଡିରେ ଦିଲ୍ଲୀ ପୋଲିସ ଚାନ୍ଦୋଳ ବଜାରରେ ପଇଁତରା ମାରୁଛି । ଚୋରା ସୁନା କିଣିଥିବା ଦୋକାନର ବାପ ଓ ଦୁଇ ପୁଅ ଫେରାର ହୋଇ ଯାଇଛନ୍ତି । ଏକ ବିଶେଷ ସୂତ୍ରରୁ ଜଣାପଡିଛି ଜହ୍ନିମୂଳ ଅ ଳର ବିପିନ ପଣ୍ଡା ନାମକ ଜଣେ ବ୍ୟକ୍ତି ଦିଲ୍ଲୀର ଜଣେ ସୁନା ବ୍ୟବସାୟୀଙ୍କ ଘରେ କାମ କରୁଥିଲେ । ସେହି ବ୍ୟବସାୟୀଙ୍କ ସରଳତାର ସୁଯୋଗ ନେଇ ସେ ପ୍ରାୟ ୭ ବର୍ଷ ତଳେ ୫ କିଲୋରୁ ଉର୍ଦ୍ଧ୍ୱ ସୁନା ଚୋରି କରି ଚାନ୍ଦୋଳ ବଜାରରେ ଥିବା ଜୟନାରାୟଣ ଜୁଏଲର୍ସକୁ ବିକ୍ରି କରି ଦେଇଥିଲେ । କିନ୍ତୁ ସୁନା କିଏ ଚୋରି କଲା ତାହା ମାଲିକ ଜାଣି ପାରିନଥିଲେ । ତେଣୁ ପୁନର୍ବାର ବିପିନ ସେହି ମାମଲିକଙ୍କ ପାଖକୁ ଯାଇ ବିଶ୍ୱାସ ଜନ୍ମାଇ କାମ କରିଥିଲେ । ଏହା ମଧ୍ୟରେ ସେ ପୁଣି ୭ କିଲୋ ସୁନା ଚୋରି କରି ନିଜ ଘରକୁ ପଳାଇ ଆସିଥିଲେ । ସେହି ଚୋରା ସୁନାକୁ ଜୟନାରାୟଣ ଜୁଏଲର୍ସକୁ ବିକ୍ରି କରିଦେଇଥିଲେ । କିନ୍ତୁ ଏଥର ସିସିଟିଭି କ୍ୟାମେରାରେ ଅଭିଯୁକ୍ତ ଜଣକର ଚୋରୀ ସମୟର ଫଟୋ କଏଦ ହୋଇ ଯାଇଥିଲା । ଫଳରେ ସୁନା ବ୍ୟବସାୟୀ ଜଣଙ୍କ ଦିଲ୍ଲୀ ପୋଲିସରେ ଅଭିଯୋଗ କରିଥିଲେ । ଦିଲ୍ଲୀ ପୋଲିସ ତଦନ୍ତ କରି କେନ୍ଦ୍ରାପଡ଼ାରେ ପହ ି ଅଭିଯୁକ୍ତକୁ ଗିରଫ କରିବା ପରେ ସେ ମାନିଥିଲା ଯେ ସେ ଯେଉଁ ଚୋରା ସୁନା ଆଣିଥିଲା ତାହାକୁ ଜୟନାରାୟଣ ଜୁଏଲାରୀକୁ ବିକ୍ରି କରିଥିଲେ । ଜେରା ବେଳେ ଜଣାପଡିଥିଲା ଯେ ୫ବର୍ଷ ପୂର୍ବରୁ ବ୍ୟକ୍ତି ଜଣକ ଯେଉଁ ସୁନା ଚୋରି କରିଥିଲେ ତାହାକୁ ମଧ ଜୟନାରାୟଣ ଜୁଏଲର୍ସକୁ ବିକ୍ରି କରିଥିଲେ । ଫଳରେ ପୋଲିସ ଜୟନାରାୟଣ ଜୁଏଲର୍ସର ଦୁଇଟି ଦୋକାନ ସିଲ କରିଛି । ଏଥିସହ ଫେରାର ଥିବା ଦୋକାନୀଙ୍କୁ ପୋଲିସ ଧରିବା ପାଇଁ ତଦନ୍ତ ଜାରି ରଖିଛି । କେନ୍ଦ୍ରାପଡା ସଦର ଥାନା ଅଧିକାରୀ ସରୋଜ କୁମାର ସାହୁଙ୍କୁ ଏସମ୍ପର୍କରେ ପଚରାଯିବାରେ ସେ କୁହନ୍ତି ଯେ ମୁଁ ଏସମ୍ପର୍କରେ କିଛି ଜାଣିନାହିଁ । କେନ୍ଦ୍ରାପଡା ଏସଡିପିଓ ଦେବେନ୍ଦ୍ର ମଲ୍ଲିକ ମଧ ଏବିଷୟରେ କିଛି ଜାଣିନଥିବା କହିଛନ୍ତି ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray